# ସତ୍ୟ ନ୍ୟୁଜ୍

ଓଡ଼ିଆ ଦୈନିକ

RNI No.-ODIODI/2024/17847

www.satyanews24.in
RNI No.ODIODI/2024/17847
୦୧ ବର୍ଷ Volume-01
ISSUE - 50 ସଂଖ୍ୟା-୫୦
ଭୁବନେଶ୍ୱର, ଶନିବାର ୮, ମାର୍ଚ୍ଚ ୨୦୨୫
Bhubaneswar, Saturday, 8, March 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୭.୦୦ ଟଙ୍କା Price : Rs.7.00
E-Mail : satyanews24.bbsr@gmail.com

Like, Follow & Subscribe
Satya News24


# ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ଆରମ୍ଭରୁ ହଟ୍ଟଗୋଳ



- ବିଜୁଙ୍କ ପ୍ରତି 'ଅପମାନ' ଓ ମହିଳା ସୁରକ୍ଷାକୁ ନେଇ ଗର୍ଜିଲେ ବିରୋଧୀ
- ସୋମବାର ପର୍ଯ୍ୟନ୍ତ ଗୃହ ମୁଲତବି ରଖିଲେ ବାଚସ୍ପତି
- ୪୧.୭୫ ଲକ୍ଷ ଛାତ୍ରଛାତ୍ରୀଙ୍କ ନିକଟରେ ମଧ୍ୟାହ୍ନ ଭୋଜନ ପହଞ୍ଚିଛି
- ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୨୩୩ ସଙ୍ଗୀତ ଶିକ୍ଷକ ପଦବୀ ଖାଲି
- ରେଭେନ୍ସା ନାମ ପରିବର୍ତ୍ତନ ନେଇ କୌଣସି ପ୍ରସ୍ତାବ ନାହିଁ: ମନ୍ତ୍ରୀ
- ୮ ମାସରେ ଆଦିବାସୀ ଆବାସିକ ହଷ୍ଟେଲରେ ୨୬ ଛାତ୍ରଛାତ୍ରୀଙ୍କ ମୃତ୍ୟୁ

**ଭୁବନେଶ୍ୱର :** ଶୁକ୍ରବାର ଦିନ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ସଦସ୍ୟମାନେ ହୋହଲ୍ଲା କରିବାରୁ ଓଡ଼ିଶା ବିଧାନସଭା ଅଚଳ ହୋଇପଡ଼ିଥିଲା । ପ୍ରଶ୍ନକାଳ ପାଇଁ ଗୃହ ଆରମ୍ଭ ହେବା ମାତ୍ରେ, ବିଜୁ ଜନତା ଦଳର ବିଧାୟକମାନେ ପଞ୍ଚାୟତିରାଜ ଦିବସ ପାଳନକୁ ବିଜୁ ପଟ୍ଟନାୟକଙ୍କ ଜନ୍ମବାର୍ଷିକୀ ମାର୍ଚ୍ଚ ୫ ରୁ ଏପ୍ରିଲ ୨୪କୁ ସ୍ଥାନାନ୍ତର କରିବା ନେଇ ପ୍ରବଳ ହଟ୍ଟଗୋଳ କରିଥିଲେ । ଅନ୍ୟପକ୍ଷରେ, ଗତ ଆଠ ମାସ ମଧ୍ୟରେ ରାଜ୍ୟରେ ମହିଳାଙ୍କ ଉପରେ ବୃଦ୍ଧି ପାଉଥିବା ଅତ୍ୟାଚାରକୁ ନେଇ କଂଗ୍ରେସ ବିଧାୟକମାନେ ମଧ୍ୟ ହଟ୍ଟଗୋଳ ସୃଷ୍ଟି କରୁଥିଲେ । ଗୃହର ମର୍ଯ୍ୟାଦା ବଜାୟ ରଖିବା ପାଇଁ ବାଚସ୍ପତିଙ୍କ ଦ୍ୱାରା ବାରମ୍ବାର ସହଯୋଗ ପାଇଁ କରାଯାଇଥିବା ଅନୁରୋଧକୁ ବିରୋଧୀ ଦଳ ସଦସ୍ୟମାନଙ୍କ ପକ୍ଷରୁ କୌଣସି କର୍ଣ୍ଣପାତ କରାଯାଇ ନଥିଲା ଏବଂ ଅନେକ ବିରୋଧୀ ବିଧାୟକ ଗୃହର ୱେଲ୍ ଭିତରକୁ ପଶି ଆସି ସେମାନଙ୍କ ଅସନ୍ତୋଷ ପ୍ରକାଶ କରିବା ପାଇଁ ବାଚସ୍ପତିଙ୍କ ମଞ୍ଚ ନିକଟରେ ଏକାଠି ହୋଇଥିଲେ । ହଟ୍ଟଗୋଳ ଯୋଗୁ କାର୍ଯ୍ୟ ପରିଚାଳନା କରିବାରେ କଷ୍ଟକର ମନେ କରି ବାଚସ୍ପତି ସୁରମା ପାଢ଼ୀ ଗୃହକୁ ପ୍ରଥମେ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବି ରଖିଥିଲେ । ବିରୋଧୀ ସଦସ୍ୟମାନେ ସ୍ଲୋଗାନ ଦେବା ଏବଂ ହଟ୍ଟଗୋଳ କରିବା ସମୟରେ ଗୃହ ପୁନର୍ବାର ଏକତ୍ରିତ ହେବା ସମୟରେ ସମାନ ଅଶାନ୍ତ ଦୃଶ୍ୟ ଦେଖିବାକୁ ମିଳିଥିଲା । ହଟ୍ଟଗୋଳ ଜାରି ରହିବାରୁ, ବାଚସ୍ପତି ପୁନର୍ବାର ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବି ରଖିଥିଲେ । ବିଧାନସଭା ପରିସରରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ବିଜେଡି ବିଧାୟକମାନେ ଧାରଣା ଦେଇଥିଲେ, ଯେତେବେଳେ କଂଗ୍ରେସ ବିଧାୟକମାନେ ମହାତ୍ମା ଗାନ୍ଧୀ ପ୍ରତିମୂର୍ତ୍ତି ନିକଟରେ ପୃଥକ ପ୍ରଦର୍ଶନ କରିଥିଲେ । ହଟ୍ଟଗୋଳ ଜାରି ରହିବାରୁ, ବାଚସ୍ପତି ଗୃହକୁ ଆସନ୍ତା ସୋମବାର ପର୍ଯ୍ୟନ୍ତ ମୁଲତବି ରଖିଥିଲେ । ଅନ୍ୟପଟେ ରାଜ୍ୟର ସରକାରୀ ଏବଂ ସରକାରୀ ସହାୟତା ପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୪୧,୭୪,୯୧୫ ଜଣ ଛାତ୍ରଛାତ୍ରୀ ବର୍ତ୍ତମାନ ପ୍ରଧାନମନ୍ତ୍ରୀ ପୋଷଣ ମଧ୍ୟାହ୍ନ ଭୋଜନ ଯୋଜନାରେ ଉପକୃତ ହେଉଛନ୍ତି ବୋଲି ସ୍କୁଲ ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶୁକ୍ରବାର ଓଡ଼ିଶା ବିଧାନସଭାରେ ସୂଚନା ଦେଇଛନ୍ତି ।ବାଲିଗୁଡ଼ାର ବିଜେଡି ବିଧାୟକ ଚକ୍ରମଣି କହଁରଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ, ପ୍ରତି ଛାତ୍ରଛାତ୍ରୀଙ୍କ ଖାଦ୍ୟର ମୂଲ୍ୟ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଣ୍ଣୟ କରାଯାଉଛି ।ରାଜ୍ୟ ସରକାର ସ୍ଥିର ଖର୍ଚ୍ଚର ନିଜର ଅଂଶ ପ୍ରଦାନ କରୁଛନ୍ତି ଏବଂ ନିଜସ୍ୱ ବଜେଟରୁ ଅତିରିକ୍ତ ଖାଦ୍ୟ ଖର୍ଚ୍ଚ ଯୋଗାଇ ଦେଉଛନ୍ତି ।ମନ୍ତ୍ରୀ କହିଛନ୍ତି ଯେ, ବର୍ତ୍ତମାନ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଇଁ ବିଦ୍ୟାଳୟଗୁଡ଼ିକୁ ଯୋଗାଇ ଦିଆଯାଉଥିବା ଖାଦ୍ୟର ମୂଲ୍ୟ ପ୍ରାଥମିକ ଶ୍ରେଣୀ ପ୍ରଥମରୁ ପଞ୍ଚମ ପାଇଁ ୬.୭୪ ଟଙ୍କା ଏବଂ ଉଚ୍ଚ ପ୍ରାଥମିକ ଷଷ୍ଠ ରୁ ଅଷ୍ଟମ ପାଇଁ ୧୦.୯୪ ଟଙ୍କା ରହିଛି । ଯଦି ମଧ୍ୟାହ୍ନ ଭୋଜନ ଯୋଜନାକୁ ନବମ ଏବଂ ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଇଁ ସମ୍ପ୍ରସାରିତ କରାଯାଏ, ତେବେ ଅତିରିକ୍ତ ୧୦, ୮୦,୦୦୦ ପିଲା ଉପକୃତ ହେବେ ବୋଲି ସେ କହିଛନ୍ତି । ଏହି ସମ୍ପ୍ରସାରଣ ଦ୍ୱାରା ରାଜ୍ୟ ସରକାରଙ୍କ ବାର୍ଷିକ ୬୪୬.୩୧ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସେ କହିଛନ୍ତି । ରାଜ୍ୟର ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୨୩୩ଟି ସଙ୍ଗୀତ ଶିକ୍ଷକ ପଦବୀ ଖାଲି ରହିଛି । ବିଭିନ୍ନ ନ୍ୟାୟାଳୟରେ ନିଯୁକ୍ତି ପ୍ରକ୍ରିୟା ଉପରେ ମାମଲା ବିଚାରାଧୀନ ଥିବାରୁ ଖାଲିଥିବା ପଦବୀଗୁଡ଼ିକରେ ୨୦୧୯ ମସିହାରୁ ନିଯୁକ୍ତି ପ୍ରକ୍ରିୟା ହୋଇପାରି ନାହିଁ ବୋଲି ଶୁକ୍ରବାର ବିଧାନସଭାରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ପ୍ରଦାନ କରିଛନ୍ତି । ଓଡ଼ିଶା ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ୨୦୧୬-୧୭ ଏବଂ ୨୦୧୭-୧୮ ମସିହାରେ ନିଯୁକ୍ତି ପାଇଁ ପ୍ରକାଶ ପାଇଥିବା ବିଜ୍ଞାପନ ଏବଂ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ସଂଖ୍ୟା ସମ୍ପର୍କରେ ମନ୍ତ୍ରୀ କହିଛନ୍ତି ଯେ, ୨୦୧୬ରେ ୧୧୧ ସଙ୍ଗୀତ ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ସେଥିମଧ୍ୟରୁ ୩୭ ଜଣଙ୍କ ନିଯୁକ୍ତି ପ୍ରଦାନ କରାଯାଇଥିଲା । ସେହିପରି ୨୦୧୭ରେ ୧୧୬ ଜଣ ଶିକ୍ଷକଙ୍କ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ୨୬ ଜଣ ନିଯୁକ୍ତି ପାଇଥିଲେ । ଏହି ସମୟ ମଧ୍ୟରେ ମୋଟ ୨୨୭ ଜଣ ସଙ୍ଗୀତ ଶିକ୍ଷକଙ୍କ ପାଇଁ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ମୋଟ ୬୩ ଜଣଙ୍କୁ ନିଯୁକ୍ତି ମିଳିଥିଲା । ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ନେଇ କୌଣସି ପ୍ରସ୍ତାବ ନାହିଁ ବୋଲି ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶୁକ୍ରବାର ବିଧାନସଭାରେ ସୂଚନା ପ୍ରଦାନ ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ନେଇ କୌଣସି ପ୍ରସ୍ତାବ ନାହିଁ ବୋଲି ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶୁକ୍ରବାର ବିଧାନସଭାରେ ସୂଚନା ପ୍ରଦାନ କରିଛନ୍ତି । ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କର ଏକ ଅଣତାରକା ପ୍ରଶ୍ନରେ ଲିଖିତ ଉତ୍ତର ରଖି ବିଭାଗୀୟ ମନ୍ତ୍ରୀ ଏହାର ସ୍ପଷ୍ଟ କରିଛନ୍ତି । ଗତ ୨୦୨୪ ବର୍ଷ ଅଗଷ୍ଟ ଅଗଷ୍ଟରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରସ୍ତାବ ଦେଇଥିଲେ । ଯାହାକୁ ନେଇ ରାଜ୍ୟରେ ବିଭିନ୍ନ ମହଲରୁ ନାନା ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ରେଭେନ୍ସାର ନାମ ପରିବର୍ତ୍ତନକୁ ନେଇ ବିଭିନ୍ନ ସ୍ତରରେ ପ୍ରତିବାଦ ଆନ୍ଦୋଳନ ସହ ବିତର୍କ ସଭା ହୋଇଥିଲା । ରେଭେନ୍ସା ନାମ ପରିବର୍ତ୍ତନ ନେଇ କୌଣସି ପ୍ରସ୍ତାବ ନାହିଁ ବୋଲି ବିଧାନସଭାରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ଏବେ ଉତ୍ତର ରଖିଛନ୍ତି । ରାଜ୍ୟର ଆଦିବାସୀ ଆବାସିକ ହଷ୍ଟେଲରେ ବଢ଼ିଛି ଛାତ୍ରଛାତ୍ରୀଙ୍କ ମୃତ୍ୟୁ । ଏହି ସଂଖ୍ୟା ଗତ ଆଠ ମାସରେ ୨୬ ରେ ପହଁଚିଛି । ମୃତ ୨୬ ଜଣଙ୍କ ମଧ୍ୟରୁ ୬ ଜଣ ନିଜ ଜୀବନ ନେଇଥିଲେ । ଅନ୍ୟ ୨୦ ଜଣଙ୍କର ଚିକିତ୍ସାଧୀନ ଅବସ୍ଥାରେ ହସ୍ପିଟାଲରେ ରାଜ୍ୟର ଆଦିବାସୀ ଆବାସିକ ହଷ୍ଟେଲରେ ବଢ଼ିଛି ଛାତ୍ରଛାତ୍ରୀଙ୍କ ମୃତ୍ୟୁ । ଏହି ସଂଖ୍ୟା ଗତ ଆଠ ମାସରେ ୨୬ ରେ ପହଁଚିଛି । ବିଧାନସଭାରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଶ୍ନ ନେଇ ଏସ୍‌ସି ଏସ୍‌ଟି ବିକାଶ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ସୂଚନା ପ୍ରଦାନ କରିଛନ୍ତି ।ମୃତ ୨୬ ଜଣଙ୍କ ମଧ୍ୟରୁ ୬ ଜଣ ନିଜ ଜୀବନ ନେଇଥିଲେ । ଅନ୍ୟ ୨୦ ଜଣଙ୍କର ଚିକିତ୍ସାଧୀନ ଅବସ୍ଥାରେ ହସ୍ପିଟାଲରେ ମୃତ୍ୟୁ ଘଟିଥିବା ମନ୍ତ୍ରୀ କହିଛନ୍ତି ।ରାଜ୍ୟର ରାୟଗଡା ଜିଲ୍ଲାରେ ସର୍ବାଧିକ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି । ପୂର୍ବରୁ ରାୟଗଡାରେ ଆଦିବାସୀ ଛାତ୍ରଛାତ୍ରୀ ହଷ୍ଟେଲ ସୁବିଧା ପାଇବାରୁ ବଞ୍ଚିତ ହେଉଥିବାର ଖବର ରହିଛି । ସେମାନଙ୍କର ପାଠପଢା କ୍ଷେତ୍ରରେ ସମସ୍ୟାର ଖବର ମଧ୍ୟ ସାମ୍ନାକୁ ଆସିଛି ।

### କେନ୍ଦ୍ର ପକ୍ଷରୁ ପ୍ରସ୍ତାବିତ ସୀମା ପୁନଃନିର୍ଦ୍ଧାରଣ ପ୍ରସଙ୍ଗ

## ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଷ୍ଟାଲିନଙ୍କ ଡାକରା

**ଭୁବନେଶ୍ୱର :** କେନ୍ଦ୍ର ପକ୍ଷରୁ ପ୍ରସ୍ତାବିତ ସୀମା ପୁନଃନିର୍ଦ୍ଧାରଣକୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ ଜୋରଦାର ବିରୋଧ କରୁଛନ୍ତି । ସୀମା ପୁନଃନିର୍ଦ୍ଧାରଣ ଦ୍ୱାରା ସଂସଦରେ ତାମିଲନାଡୁ ସମେତ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ଗୁରୁତ୍ୱ ହ୍ରାସ ପାଇବ ବୋଲି ସେ କହି ଚାଲିଛନ୍ତି । ଏହାକୁ ବିରୋଧ କରି ରାଜନୀତିକ ଦଳଗୁଡ଼ିକର ନେତାମାନଙ୍କୁ ନେଇ ସେ ଗୋଟିଏ ଯୁଗ୍ମ କମିଟି ଗଠନ କରିବାକୁ ଚାହୁଁଛନ୍ତି । ଏଥିପାଇଁ ସେ ଆଜି ୭ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଚେନ୍ନାଇ ବୈଠକରେ ଯୋଗ ଦେବାକୁ ନିମନ୍ତ୍ରଣ କରିଛନ୍ତି । ସେ ନିମନ୍ତ୍ରଣ କରିଥିବା ୭ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନାଁ ରହିଛି । କେନ୍ଦ୍ରର ସୀମା ନିର୍ଦ୍ଧାରଣ ପ୍ରସ୍ତାବ ବିରୋଧରେ ହେବାକୁ ଥିବା ବୈଠକ ପାଇଁ ଖୋଦ ବିଜେପି ଶାସିତ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିବା ସମସ୍ତଙ୍କୁ ଚକିତ କରିଛି । ସେହିପରି ଓଡ଼ିଶା ମଧ୍ୟ ଦକ୍ଷିଣ ଭାରତୀୟ ରାଜ୍ୟ ନୁହେଁ । ମୋହନ ଚରଣ ମାଝୀଙ୍କ ବ୍ୟତୀତ ଷ୍ଟାଲିନ ବେଙ୍ଗଲ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ସିଂହ ମାନ, କେରଳ ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନ, କର୍ଣ୍ଣାଟକା ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା, ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଓ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ମଧ୍ୟ ଚେନ୍ନାଇ ବୈଠକଙ୍କୁ ଡାକିଛନ୍ତି । ଏମାନଙ୍କ ବ୍ୟତୀତ ଏହି ରାଜ୍ୟଗୁଡ଼ିକରେ କ୍ଷମତାରେ ନଥିବା ଦଳଗୁଡ଼ିକର ବରିଷ୍ଠ ନେତା ଓ ବିଜେପି ନେତାଙ୍କୁ ମଧ୍ୟ ସେ ନିମନ୍ତ୍ରଣ କରିଛନ୍ତି ।

### ରାଜ୍ୟରେ ୧୪ଟି ଥାନା ଉଦ୍‌ଘାଟିତ

## ଥାନାକୁ ଆସୁଥିବା ଲୋକମାନଙ୍କୁ ଭଲ ବ୍ୟବହାର ଦେଖାଅ

- ସାବାଡ଼ ହେବେ ପୁଲିସ ବାବୁ
- ବ୍ୟବହାର ଖରାପ କଲେ ସସ୍‌ପେଣ୍ଡ

**ଭୁବନେଶ୍ୱର :** ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବନିର୍ମିତ ଭୁବନେଶ୍ୱର ନୂଆପଲ୍ଲୀ ଥାନା ଗୃହ ସହିତ ରାଜ୍ୟର ଅନ୍ୟ ୧୩ଟି ନବନିର୍ମିତ ଥାନା ଗୃହକୁ ଉଦଘାଟନ କରି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ସମୁଦାୟ ୪୧ କୋଟି ୯୯ ଲକ୍ଷ ୫୯ ହଜାର ଟଙ୍କା ବିନିମୟରେ ଏହି ୧୪ଟି ଥାନା ନିର୍ମିତ ହୋଇଥିବା ବେଳେ ଥାନାଗୁଡିକରେ ଅତ୍ୟାଧୁନିକ ଭିତ୍ତିଭୂମି ତଥା ବୈଜ୍ଞାନିକ କାରିଗରୀ କୌଶଳ ନିମିତ୍ତ ଯନ୍ତ୍ରାଂଶ ଉପଲବ୍ଧ ରହିଛି, ଯାହାଦ୍ୱାରା ପୁଲିସ ଅଧିକାରୀ ମାନେ ଅଧିକ ଦକ୍ଷତାର ସହ ନିଜର କର୍ତ୍ତବ୍ୟ ସମ୍ପାଦନ କରି ପାରିବେ ।ଥାନା ଉଦଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପୁଲିସ ଅଧିକାରୀମାନଙ୍କୁ କଡ଼ା ତାଗିଦ କରି କହିଛନ୍ତି ଯେ ଥାନାକୁ ଆସୁଥିବା ଲୋକମାନଙ୍କୁ ଭଲ ବ୍ୟବହାର ଦେଖାଇବାକୁ ପଡ଼ିବ । କେହି ଜିରୋ ଏଫଆଇଆର ଦେଲେ ତାକୁ ରଖିବାକୁ ହେବ । ଜିରୋ ଏଫଆଇଆର ନ ରଖିଲେ ନିଲମ୍ବନ କରାଯିବ । ଥାନାରେ ଏତଲା ରଖାଗଲା ନାହିଁ ବୋଲି ଯେମିତି ଶୁଣାଯିବନି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଥାନାରେ କିଭଳି ପୁଲିସ ଶୁଣେନି ତାର ମୁଁ ଭୁକ୍ତଭୋଗୀ । ଗତ ୨୪ ବର୍ଷର ସରକାର ଅମଳରେ ଥାନାରେ କିଛି ଶୁଣା ଯାଉନଥିଲା । ମୁଁ ଏଭଳି ଘଟଣାର ଦୁଇଥର ଭୁକ୍ତଭୋଗୀ । କେନ୍ଦୁଝର ସଦର ଥାନାରେ ମୋତେ ଏଭଳି ଦୁଇଥର ସାମ୍ନା କରିବାକୁ ପଡ଼ିଛି । ଥରେ କେନ୍ଦୁଝର ଥାନା ଆଇଆଇସି ମୋତେ ଦୁର୍ବ୍ୟବହାର କରିଥିଲେ, ତାହା ସମସ୍ତେ ଜାଣନ୍ତି । ଆଉଥରେ ସେହି ସଦର ଥାନାରେ ମଧ୍ୟ ମୋ କଥା ଆଇଆଇସି ଶୁଣିନଥିଲେ । ମୋ ଅଞ୍ଚଳର ଜଣେ ଲୋକଙ୍କୁ ସାଲିଆ ସାହିରେ ହତ୍ୟା କରାଯାଇଥିଲା । ତାଙ୍କ ପତ୍ନୀ ଏବଂ ଆଉ ଜଣେ ତାଙ୍କୁ ହତ୍ୟା କରିଥିଲେ । ଏ ସମ୍ପର୍କରେ ସଦର ଥାନା ପୁଲିସ ଏତଲା ରଖିବାକୁ ମନା କରିଦେଇଥିଲା । ଘଟଣା



ଯେଉଁଠି, ସେଇଠି ଏତଲା କରିବାକୁ ପୁଲିସ ରୋକଟୋକ କହିଥିଲା । ମୁଁ ଆଇଆଇସିଙ୍କୁ କହିଲି, ସେ ମୋ କଥାକୁ ବିଲକୁଲ ଶୁଣିଲେ ନାହିଁ । ଏସଡିପିଓଙ୍କୁ କହିଲି, ସେ ଆଇଆଇସିଙ୍କୁ କହିଲେ, ତଥାପି ଶୁଣିଲେନି । ଶେଷକୁ ଏସପିଙ୍କୁ ଫୋନ କରି ମୃତଦେହ ଥାନାରେ ରଖିଦେବି କହିଥିଲି । ଏସପି କହିଲା ପରେ ସେ ଆଇଆଇସି ଏଫଆଇଆର ରଖିଥିଲେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରକାଶ କରିଛନ୍ତି । ସ୍ୱାଇଡର ଲୁଟେରା ସତୀଶକୁ ଧରିବାକୁ କିଭଳି ନିର୍ଦ୍ଦେଶ ଦେଇଥିଲେ ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରୀ ହୋଇଥିଲା । ଚୋର ପାତାଳରେ ଥିଲେ ବି ଧରିବାକୁ ମୁଁ ନିର୍ଦ୍ଦେଶ ଦେଇଥିଲି ।

## ମାର୍ଚ୍ଚ ୧୦ରୁ ଆରମ୍ଭ ହେବ ପିଜି ନାମଲେଖା

**ଭୁବନେଶ୍ୱର :** ଆଗାମୀ ଶିକ୍ଷାବର୍ଷ ୨୦୨୫-୨୬ ନିମନ୍ତେ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପ୍ରକ୍ରିୟାକୁ ଶୀଘ୍ର ଆରମ୍ଭ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ନିଷ୍ପତ୍ତି ହୋଇଥାନ୍ତି । ଏଥିପାଇଁ ଆବେଦନକାରୀ ଛାତ୍ରଛାତ୍ରୀ ମାର୍ଚ୍ଚ ୧୦ ତାରିଖଠାରୁ କମନ ଆପ୍ଲିକେସନ ଫର୍ମ ବା ଉଇର ମାଧ୍ୟମରେ ଆବେଦନ କରିପାରିବେ । ତେବେ ଏଥର



ପାଠ୍ୟକ୍ରମରେ ନାମ ଲେଖାଇବାକୁ ଆଗ୍ରହୀ ଥିବା ଛାତ୍ରଛାତ୍ରୀମାନଙ୍କୁ 'ଉକ୍କଙ୍କଙ୍କକ୍କଭ ଚଏ ରଭ- ଙ୍କବବଭମର ଝରଙ୍କଙ୍କ (ଉଚରଞ) ପରୀକ୍ଷାରେ ଅଂଶଗ୍ରହଣ କରିବାକୁ ପଡ଼ିବ । ଏହି ପରୀକ୍ଷାରେ ରଖିଥିବା ମାର୍କ ଆଧାରରେ ହିଁ ସ୍ନାତକୋତ୍ତର ପାଠ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ଚୟନ କରାଯିବ । ଉଲ୍ଲେଖଯୋଗ୍ୟ, ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତ ଓ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପ୍ରକିୟାକୁ ଶୀଘ୍ର ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏଥିସହିତ ୨୦୨୫ ଜୁଲାଇ ୧୦ ସୁଦ୍ଧା ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହାଦ୍ୱାରା ସଠିକ ସମୟରେ ପାଠ୍ୟକ୍ରମ ସମାପ୍ତ ହେବା ସହ ସଠିକ ସମୟରେ ପରୀକ୍ଷା କରାଯାଇ ଫଳାଫଳ ମଧ୍ୟ ଘୋଷଣା କରାଯାଇପାରିବ, ଯାହାଦ୍ୱାରା ଓଡ଼ିଶାର ସମସ୍ତ ଛାତ୍ରଛାତ୍ରୀମାନେ ଉପକୃତ ହୋଇପାରିବେ ।

### ବନ୍ଦ ହେବ ଖଣିଜ ପଦାର୍ଥର ବେଆଇନ୍ ଖନନ ଓ ପରିବହନ

## ବ୍ୟାପକ ଭାବେ ଚଢ଼ଉ ପାଇଁ ନିର୍ଦ୍ଦେଶ

- ଜିଲାପାଳ ଓ ଜିଲା ଆରକ୍ଷୀ ଅଧିକ୍ଷକଙ୍କ ସହିତ ମୁଖ୍ୟ ଶାସନ ସଚିବଙ୍କ ବୈଠକ

**ଭୁବନେଶ୍ୱର :** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ରାଜ୍ୟର ବିଭିନ୍ନ ପ୍ରସଙ୍ଗରେ ଜିଲାପାଳ ଓ ଆରକ୍ଷୀ ଅଧିକାରୀଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆଙ୍କ ସମେତ ରାଜ୍ୟ ପ୍ରଶାସନ ଏବଂ ପୁଲିସ ପ୍ରଶାସନର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜିଲାପାଳ ଓ ଜିଲା ଆରକ୍ଷୀ ଅଧିକ୍ଷକଙ୍କ ସମେତ ବିଭିନ୍ନ ରେଞ୍ଜର ଆଇଜି ଏବଂ ଡିଆଇଜିମାନେ ଆଭାସୀ ମାଧ୍ୟମରେ



ବୈଠକରେ ଯୋଗଦେଇଥିଲେ । ବୈଠକରେ ମୁଖ୍ୟ ଶାସନ ସଚିବ ଗତ ଡିସେମ୍ବର ୨୦୨୪ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ମୁଖ୍ୟ ଶାସନ ସଚିବମାନଙ୍କ ୪ର୍ଥ ଜାତୀୟ ସମ୍ମିଳନୀ, ଗତ ନଭେମ୍ବର-ଡିସେମ୍ବରରେ ଭୁବନେଶ୍ୱରରେ ଅନୁଷ୍ଠିତ ତିନି ଦିନିଆ ୫୯ତମ ଡିଜିପି-ଆଇଜିପି ସମ୍ମିଳନୀରେ ନିଆଯାଇଥିବା ନିଷ୍ପତ୍ତିର ଜିଲା ସଂପର୍କିତ କାର୍ଯ୍ୟକାରିତା ସଂପର୍କରେ ଆଲୋଚନା କରିଥିଲେ । ଡିଡିପି-ଆଇଜିପି ସମ୍ମିଳନୀରେ ପ୍ରସ୍ତାବିତ ୧୦୮ଟି ବିଭିନ୍ନ ପ୍ରସ୍ତାବର କାର୍ଯ୍ୟକାରିତା ସଂପର୍କରେ ବିଶଦ୍ ଭାବେ ଆଲୋଚନା କରାଯାଇଥିଲା । ମାଓବାଦୀ କାର୍ଯ୍ୟକଳାପକୁ ରୋକିବା ପାଇଁ ବିଭିନ୍ନ ଜିଲ୍ଲାରେ ମୋବାଇଲ ନେଟ୍‌ୱାର୍କ ସୁଦୃଢ଼ୀକରଣ ଏବଂ ସଡକ ସଂଯୋଗୀକରଣ ସ୍ଥିତି ସମୀକ୍ଷା କରାଯାଇ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏଥିସହିତ ବିକଶିତ ଓଡ଼ିଶାର ବିଭିନ୍ନ କାର୍ଯ୍ୟକ୍ରମ, ଅର୍ଥନୈତିକ ସର୍ଭେ -୨୦୨୪-୨୫ ବିବରଣୀ, କେନ୍ଦ୍ରୀୟ ଯୋଜନାର କାର୍ଯ୍ୟକାରିତା ତଥା ରାଜ୍ୟର ସମୃଦ୍ଧି ପାଇଁ ପ୍ରଶାସନିକ ବ୍ୟବସ୍ଥା ଓ ସଂସ୍ଥାଗତ ପରିଚାଳନା ନିୟାମକରେ ଆବଶ୍ୟକ କୋହଳ କରାଯିବା, ଉଦ୍ୟୋଗ, ନିଯୁକ୍ତି ଓ ଦକ୍ଷତାକୁ ପ୍ରୋତ୍ସାହିତ କରିବା ଉପରେ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ । ମିଶନ କର୍ମଯୋଗୀ ଅଧୀନରେ ଆଇ-ଜିଓଟି ପ୍ଲାଟଫର୍ମରେ କର୍ମଚାରୀମାନଙ୍କ ପ୍ରଶିକ୍ଷଣ ଅଗ୍ରଗତି ସଂପର୍କରେସେ ମଧ୍ୟ ସମୀକ୍ଷା କରିଥିଲେ ।

### କିଟ୍ କେଳେଙ୍କାରୀ

## ଏନଏଚଆରସି ଟିମ୍‌ର ତନାଘନା

**ଭୁବନେଶ୍ୱର :** କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳି ଛାତ୍ରୀ ଆତ୍ମହତ୍ୟା ମାମଲାରେ ଘାଣ୍ଟୁଛି ଏନଏଚଆରସି ଟିମ୍ । ଆଜି ରାଜ୍ୟ ଅତିଥି ଭବନରେ ଦୁଇ ଜଣ ମହିଳା କର୍ମଚାରୀଙ୍କୁ ଜେରା କରିଛନ୍ତି ତଦନ୍ତକାରୀ ଅଧିକାରୀ । କିଟର ଇଣ୍ଟର ନ୍ୟାସନାଲ ରିଲେସନ ଅଫିସର ରେଶମ ନୱାଜଙ୍କ ସହ ଅନ୍ୟ ଜଣେ ମହିଳା ଅଧିକାରୀଙ୍କୁ ପଚରାଉଚରା କରାଯାଇଛି । ମୃତ ଛାତ୍ରୀଙ୍କ ୫ ସହପାଠୀ ମଧ୍ୟ ହାଜର ହୋଇଛନ୍ତି । ୩ ଜଣ କର୍ତ୍ତୃପକ୍ଷ ଓ ଛାତ୍ରଙ୍କୁ ହାଜର ପାଇଁ ନୋଟିସ ଜାରି କରିଛନ୍ତି ଉଚ୍ଚ ସ୍ତରୀୟ କମିଟି । ସେପଟେ ଜମି ଜବରଦଖଲ ନେଇ ମଧ୍ୟ ଟିମ୍ ନିକଟରେ ହାଜର ହୋଇ ତଥ୍ୟ ରଖିଛନ୍ତି ଜଣେ ବ୍ୟକ୍ତି । ଆଜି ବିଧାନସଭାରେ ଉଠିଛି କିଟ୍ ପ୍ରସଙ୍ଗ । ଛାତ୍ରୀ ମୃତ୍ୟୁ ମାମଲାରେ ଗୃହରେ ଉତ୍ତର ରଖିଛନ୍ତି ଉଚ୍ଚ ଶିକ୍ଷାମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ । ଘଟଣାରେ ୧୦ ଜଣ ଗିରଫ ହୋଇଥିବା ବେଳେ ଅସଦାଚରଣ କରିଥିବା କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି । ଅଚ୍ୟୁତ ସାମନ୍ତଙ୍କ ସହ ୧୩ ଜଣଙ୍କୁ ପଚରାଉଚରା କରାଯାଇଛି । ସ୍ଥିତି ସ୍ୱାଭାବିକ ପାଇଁ ୪ ପ୍ରଫେସରଙ୍କୁ ନେଇ ଟିମ୍ ଗଠନ ହୋଇଛି । ଏହି ଟିମ୍ ୧୫ ଦିନରେ ଥରେ କିଟ୍ ଯାଇ ତର୍ଜମା କରିବ । ତେବେ ନେପାଳୀ ଛାତ୍ରୀ ମୃତ୍ୟୁ ଘଟଣାରେ ସରଜମିନ ତଦନ୍ତ କରୁଛନ୍ତି ଏନଏଚଆରସି ଟିମ୍ । ସେପଟେ ଜମି କେଳେଙ୍କାରୀ ମାମଲା କିଟ୍ ବିଶ୍ୱବିଦ୍ୟାଳୟ ପାଇଁ ଅଡୁଆ ବଢ଼ାଇଛି ।



# ଗ୍ରାହକସେବା କେନ୍ଦ୍ରରେ ୫୦ ହଜାର ଟଙ୍କା ଚଞ୍ଚକତା ଅଭିଯୋଗ

**ଲାଞ୍ଜିଗଡ,(ନି.ପ୍ର) :** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଏକ ଆଦିବାସୀ ବହୁଳ ବ୍ଲକ ଭାବରେ ବେଶ ପରିଚିତ ହୋଇଥିବା ବେଳେ ଆଦିବାସୀଙ୍କ ସରଳତା ଦେଖି ଅନେକ କାର୍ଯ୍ୟକାରୀ ସଂସ୍ଥା ଫାଇଦା ନେଇଛନ୍ତି । ସେହି ଭଳି ଲାଞ୍ଜିଗଡ ବ୍ଲକରେ ୪ଗୋଟି ଭାରତୀୟ ଷ୍ଟେଟ ବ୍ୟାଙ୍କଶାଖା ଥିବାବେଳେ ଅନେକ ଗୁଡ଼ାଏ ଗ୍ରାହକ ସେବାକେନ୍ଦ୍ର ଅଛି। ହେଲେ ଆଦିବାସୀଙ୍କ ସରଳତା ଦେଖି ଅନେକ ଗ୍ରାହକସେବା କେନ୍ଦ୍ରରେ ଗ୍ରାହକଙ୍କ ଅଜାଣତରେ ହଜାର ହଜାର ଟଙ୍କା ଚଞ୍ଚକତା କରୁଥିବା ଅଭିଯୋଗ ହେଉଛି । ଏହିଭଳି ଅଭିଯୋଗ ହେଉଛି ବେନଗାଁ ଷ୍ଟେଟ ବ୍ୟାଙ୍କଶାଖା ବିଜେପୁର ପଞ୍ଚାୟତ ସ୍ଥିତ ପୁଇଗୁଡ଼ାରେ ନାମିତ ଖୋଜୁରୀଗୁଡା ଗ୍ରାହକସେବା କେନ୍ଦ୍ରରେ । ସୂଚନାମତେ ବିଜେପୁର ପଞ୍ଚାୟତ ଅନ୍ତର୍ଗତ କେନ୍ଦୁପେଟ ଗାଁର ଲିପା ମାଝୀ ୨୦୧୬ ମସିହାରେ ତାଙ୍କ ମୃତ୍ୟୁ ଘଟିଥିଲା ଓ ପରିବାର ଲୋକେ ତାଙ୍କ



ମୃତ୍ୟୁ ପରେ ସୁରକ୍ଷାବୀମା ଆବେଦନ କରିଥିଲେ ହେଲେ ଏବେ ଯାଏଁ କୌଣସି ସୁରକ୍ଷାବୀମା ଅର୍ଥରାଶି ମିଳି ନଥିଲା । କିନ୍ତୁ ଭୁଲ ବଶତଃ ଚଳିତ ବର୍ଷ ଫେବୃୟାରୀ ମାସ ୧ ତାରିଖ ଦିନ ଉତ୍ତରାଖଣ୍ଡରୁ ସ୍ୱର୍ଗତ ଲିପା ମାଝୀଙ୍କ ସ୍ତ୍ରୀ ତେଲ ମାଝୀଙ୍କ ବ୍ୟାଙ୍କ ଜମା ଖାତାରେ ୨ଲକ୍ଷ ଟଙ୍କା ଜମା ହୋଇଛି ବୋଲି ତାଙ୍କ ପୁଅଙ୍କ ମୋବାଇଲରେ ମେସେଜ ଆସିଥିଲା । ମେସେଜ ଦେଖିଲା ପରେ ତେଲ ମାଝୀ ଜମାଖାତା ଧରି ସ୍ଥାନୀୟ ପୁଇଗୁଡ଼ାରେ ନାମିତ ଖୋଜୁରୀ ଗୁଡା ଗ୍ରାହକସେବା କେନ୍ଦ୍ରକୁ ଯାଇଥିଲେ ଓ ବ୍ୟାଙ୍କ ଜମାଖାତା ଯାଞ୍ଚ କରିଥିଲେ । କିନ୍ତୁ ଗ୍ରାହକସେବା କେନ୍ଦ୍ର ପରିଚାଳକ ତ୍ରିନାଥ ବାଗ ଜମାଖାତା ଯାଞ୍ଚ କରିବା ପାଇଁ ଗ୍ରାହକଙ୍କୁ ଲିଙ୍କ ଆସୁନି ବୋଲି ହାତ ଫିଙ୍ଗର ୨ଥର ମାରିବାକୁ କହିଥିଲେ ହେଲେ ବ୍ୟାଙ୍କ ଖାତା ଯାଞ୍ଚ ବଦଳରେ ଗ୍ରାହକଙ୍କୁ କିଛି ନ ଜଣାଇ ଜମା ଖାତାରେ ଜମା ହୋଇଥିବା ୨ଲକ୍ଷ ଟଙ୍କା ଭିତରୁ ୫୦ହଜାର ଟଙ୍କା ଫେବୃୟାରୀ ମାସ ୫ତାରିଖରେ ପ୍ରଥମେ ୨୦ହଜାର ଓ ପରେ ୩୦ହଜାର ଟଙ୍କା ଚଞ୍ଚକତା କରିଥିବା ଉଠେଇ ନେଇଁ ଥିବା ଅଭିଯୋଗ ଆଣିଛନ୍ତି ତେଲ ମାଝୀ ସମେତ ପରିବାର ଲୋକେ । ତେବେ ଏହିଭଳି ଅନେକ ସମୟରେ ଅନେକ ଗ୍ରାହକ ସେବା କେନ୍ଦ୍ର ମାନଙ୍କରେ ଲୋକଙ୍କ ଅଜାଣତରେ ହଜାର ହଜାର ଟଙ୍କା ଚଞ୍ଚକତା ହେଉଥିବା ଅଭିଯୋଗ ହେଉଥିବା ବେଳେ ବେନଗାଁ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ପଚାରିବାରୁ ମୁଁ ଶୁଣିଛି କିନ୍ତୁ ମୁଁ ସେବିଷୟରେ ସଠିକ ଜାଣିନ ଥିଲି ସେହି ଗ୍ରାହକ ସେବା କେନ୍ଦ୍ରରେ ଏମିତି ଘଟଣା ହୋଇଛି ବୋଲି ଯଦି ଏହି ଭଳି କିଛି ଘଟଣା ଘଟିଛି ତାଙ୍କୁ ପଇସା ଫେରାଇବା ପାଇଁ ପଦକ୍ଷେପ ନେବି ବୋଲି କହିଥିବା ବେଳେ ଏତେ ବଡ ଚଞ୍ଚକତା ଘଟଣାକୁ ବେନଗାଁ ବ୍ୟାଙ୍କ ପରିଚାଳକ ହାଲୁକା ଫୁଲୁକା ଭାବେ ନେଇଛନ୍ତି ବୋଲି ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖା ଯାଇଛି । ତେବେ ଉକ୍ତ ଘଟଣା ଘଟିବା ପରେ ଅଞ୍ଚଳରେ ଲୋକଙ୍କ ଅସନ୍ତୋଷ ଦେଖିଯିବା ସହିତ ଚଞ୍ଚକତା କରିଥିବା ଗ୍ରାହକସେବା କେନ୍ଦ୍ର ପରିଚାଳକଙ୍କ ବିରୋଧ କଠୋର କାର୍ଯ୍ୟାନୁଷ୍ଠାନ ନେବା ଶହ ତୁରନ୍ତ ଗ୍ରାହକସେବା କେନ୍ଦ୍ର ଆଇଡି ବାତିଲ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ବେଶ ଚର୍ଚ୍ଚା ହେଉଛି । ତେବେ ଏହି ଘଟଣା ଅଞ୍ଚଳରେ ଚହଳ ପଡ଼ିଥିବା ବେଳେ ଗ୍ରାହକସେବା କେନ୍ଦ୍ର ପ୍ରତି ଗ୍ରାହକଙ୍କ ଭରସା ତୁଟିବାରେ ଲାଗିଛି ।

# ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦର ସଭାପତି ବାଳକୃଷ୍ଣ ପଣ୍ଡାଙ୍କ ଗୁଡ଼ାରି ପରିଦର୍ଶନ

**ଗୁଡ଼ାରୀ,(ନି.ପ୍ର) :** ଦକ୍ଷିଣ ଓଡିଶା ଉନ୍ନୟନ ପରିଷଦର ସଭାପତି ତାଙ୍କେ ଅବସରପ୍ରାପ୍ତ ଜିଲ୍ଲାପାଳ ଶ୍ରୀ ବାଳକୃଷ୍ଣ ପଣ୍ଡା , କୋଡିନେଟର ଓ ପଦ୍ମପୁର ଅଞ୍ଚଳ ବିକାଶ ପରିଷଦ ର ବୁଦ୍ଧିଜୀବୀ ଗୁରୁବାର ଗୁଡ଼ାରୀ ପରିଦର୍ଶନ କରିଥିଲେ । ଗୁଡ଼ାରି ଓ ପଦ୍ମପୁର କୁ ରେଳ ରାସ୍ତା କିପରି ସଂଯୋଗୀକରଣ କରାଯିବ ସେ ବିଷୟରେ ଆଲୋଚନା କରାଯାଇଥିଲା । ଶ୍ରୀ ବାଳକୃଷ୍ଣ ପଣ୍ଡା ଓ ଅନ୍ୟ ଅତିଥିମାନଙ୍କୁ ପ୍ରେସ ୟୁନିୟନର ସଭାପତି ପ୍ରମୋଦ କୁମାର ପତି ସ୍ୱାଗତ ଜଣାଇଥିଲେ । ଗୋପାଳପୁର ଠାରୁ ସିଙ୍ଗାପୁର (ଜେ.କେ.ପୁର) ଓ ଗୁଣପୁର ଥେରୁବାଲି ରେଲ ରାସ୍ତା ପଦ୍ମପୁର ଏବଂ ଗୁଡ଼ାରୀ ମଧ୍ୟ ଦେଇ ଯାତାୟାତ କରିବା ପାଇଁ ଦାବିପତ୍ର



କେନ୍ଦ୍ରରେ ଉପସ୍ଥାପନା କରାଯାଇଛି । ଗୁଡ଼ାରି ନୂଆ ବସ୍‌ଷ୍ଟାଣ୍ଡରେ ଥିବା ଅତିଥି ଗୃହ ରେ ବରିଷ୍ଠ ନାଗରିକା ଓ ଯୁବପିଢ଼ିଙ୍କ ଆଗରେ ଶ୍ରୀ ବାଳକୃଷ୍ଣ ପଣ୍ଡା ଦାବୀ ପତ୍ର ବିଷୟରେ ଉପସ୍ଥାପନ କଲେ । ଗତ ଦିନରେ କୋରାପୁଟ ସାଂସଦ ଶ୍ରୀ ମଣ୍ଡଗୀରି ଭଲ୍ଲାକା ମଧ୍ୟ ଏହାକୁ ଅନୁମୋଦନ କରିବା ପାଇଁ ବାଚସ୍ପତିଙ୍କ ଆଗରେ ପ୍ରସ୍ତାବ ରଖିଥିଲେ । ଗମନାଗମନ ରେ ବହୁ ପଛ ରେ ଥିବା ଗୁଡ଼ାରୀ କୁ ଆଗାମୀ ଦିନରେ ଏହି ରେଳ ରାସ୍ତା ହେଲେ ଯାତାୟତ ଓ ପରିବହନ ସହିତ ଛୋଟ କରିଆ ବ୍ୟବସାୟି ର ଆର୍ଥିକ ଉନ୍ନତି ହୋଇପାରିବ । ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପରିଷଦ ଗୁଦ୍ଧିଜୀବୀ ମାନେ ଏହି ଉନ୍ନତି ମୂଳକ କାର୍ଯ୍ୟ ପାଇଁ ଏକ ଜୁଟ ହୋଇ ଆଗକୁ ବଢ଼ାଇବାକୁ ଆସିଥିବା ଅନ୍ୟ ବୁଦ୍ଧିଜୀବୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ବୈଠକରେ ଗୁଡ଼ାରି ର ବରିଷ୍ଠ ବ୍ୟକ୍ତି ଗଣପତି ପାଠି ,ରବି ଦାସ,ରଞ୍ଜନ କୁମାର ରଥ , ବାରାଟାମ ନାଗଭୂଷଣ ଗୁପ୍ତା, ୟୁଥ ଫୋର ଚେଞ୍ଜର ଶେଷନପୁରି ମିଳିକେଶ ବାବୁ , ପ୍ରମୋଦ କୁମାର ପତି, ମାଲ୍ୱାରାପୁ ଗୌତମ, ଓ୍ୱାନା ଆଦିତ୍ୟା ଓ ଅନ୍ୟାନ୍ୟ ଉପସ୍ଥିତ ଥିଲେ ।

# ଆଇନ ସଚେତନତା କର୍ମ ଶାଳା



**ଆଠମଲ୍ଲିକ,(ନି.ପ୍ର) :** ଠାକୁର ଗଡ଼ ସ୍ଥାନୀୟ ଷୋଳପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ନୂତନ ଆଇନ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଠାକୁର । ଗଡ ଥାନା ଦ୍ୱାରା ପରିଚାଳିତ ଏହି ଏକା ଦିବସିୟ କର୍ମଶାଳା କୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଅଧକ୍ଷ ଶ୍ରୀ ପ୍ରବୀଣ କୁମାର ସାହୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ସାହୁ ନୂତନ ଆଇନ ଓ ପୁରାତନ ମଧ୍ୟରେ ସାମଞ୍ଜସ୍ୟ ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇ ଥିଲେ। ଏଥିରେ ମଟର ଗାଡି ଚାଳକ ଆଇନ ଓ ଏହାର କାର୍ଯ୍ୟକାରିତା, ସାଇବର ଠକେଇ, ବିବାହ ଛାଡ଼ପତ୍ର, ଯୌତୁକ ଜନିତ ହତ୍ୟା, ଆତ୍ମହତ୍ୟା ସାମନ୍ଧୀୟ ନୂତନ ଆଇନ ର କାର୍ଯ୍ୟକାରିତା ର ଉପାଦେୟତା ଉପସ୍ଥାନ କରିଥିଲେ। ଠାକୁରଗଡ ଥାନା ର ଇନଚାର୍ଜ ନଟବର ନନ୍ଦ ସି. ଆର. ପି. ସି. ସି., ଆଇ. ପି. ସି. ସି. ସାକ୍ଷ ଆଇନ ମୋବାଇଲ, ଇଣ୍ଟରନେଟ ର ବ୍ୟବହାର ଓ ପୋଲିସ ଏବଂ ଜନସାଧାରଣ ଙ୍କ ମଧ୍ୟରେ ଉତ୍ତମ ବୁଝାମଣା ବିଷୟରେ ଛାତ୍ର ଛାତ୍ରୀ ମାନଙ୍କୁ ଆଇନ ର ସହଜ କାର୍ଯ୍ୟ କାରିତା ପାଇଁ ବୁଝାଇଥିଲେ। ଉକ୍ତ ଆଇନ ସଚେତନତା କର୍ମଶାଳା ଙ୍କୁ +୩ ର ଓଡ଼ିଆ ଅଧାପିକା ଡ଼କ୍ଟର କଲ୍ୟାଣୀ ରୁପା ମିଶ୍ର ପରିଚାଳନା କରି ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ +୨ ର ସମସ୍ତ ଛାତ୍ର ଛାତ୍ରୀ ଓ କର୍ମଚାରୀ ତରୁଣ ପ୍ରଧାନ, ସନ୍ତୋଷ କୁମାର ପ୍ରଧାନ, ସ୍ନେହଲତା ପ୍ରଧାନ, ସନ୍ତୋଷୀ ସାହୁ, ଚକ୍ରଧର ପ୍ରଧାନ, ଓ ଅମିଦ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ମାଛଧରା ବନ୍ଦରରେ ଭୟାବହ ଅଗ୍ନିକାଣ୍ଡ

**ପାରାଦୀପ,(ନି.ପ୍ର) :** ନେହରୁ ବଙ୍ଗଳା ସ୍ଥିତ ମାଛଧରା ବନ୍ଦରରେ ଭୟାବହ ଅଗ୍ନିକାଣ୍ଡ ଘଟି ପ୍ରାୟ ୧୨ଟି ମାଛଧରା ବୋଟ୍ ନିଆଁ ଲାଗି ସମ୍ପୁର୍ଣ୍ଣ ଜଳିଯାଇଛି । ସେଥି ମଧ୍ୟରୁ ୬ଟି ବଡ଼ ବୋଟ୍ ହୋଇଥିବା ବେଳେ ୬ଟି ଛୋଟ ଭୁଟୁଭୁଟି ବୋଟ୍ ବୋଲି ଜଣାପଡିଛି। ତେବେ ପ୍ରଥମେ ଗୋଟିଏ ବୋଟରେ କୌଣସି କାରଣରୁ ନିଆଁ ଲାଗିବା ପରେ ଧିରେ ଧିରେ ଅନ୍ୟ ବୋଟରେ ନିଆଁ ଧରିଥିଲା । ତେବେ ଏହି ଭୟାବହ ଅଗ୍ନିକାଣ୍ଡ ର କାରଣ ଅସ୍ପଷ୍ଟ



ହୋଇଥିବା ବେଳେ ଏହା ରୋଷେଇ ଗ୍ୟାସ୍ ବା ବ୍ୟାଟେରୀ ସର୍ଟ ସର୍କିଟ ଯୋଗୁଁ ହୋଇଥିବା ଅନୁମାନ କରାଯାଉଛି। ତେବେ ନିଆଁ ଲାଗିବା ପରେ ପ୍ରାୟ ସମସ୍ତ ବୋଟ୍ ରେ ଗଛିତ ଡିଜେଲ ଥିବାରୁ ନିଆଁ ତୀବ୍ର ବେଗରେ ପାଖରେ ଥିବା ବୋଟରେ ଲାଗିଯାଇଥିଲା । ତେବେ ଖବର ପାଇ ଘଟଣା ସ୍ଥଳରେ ପ୍ରାୟ ୬ଟି ଅଗ୍ନିଶମ ବାହିନୀ ନିଆଁଲିଭା କାର୍ଯ୍ୟରେ ନିୟୋଜିତ ଅଛନ୍ତି । ତେବେ ପ୍ରଥମେ ନିଆଁ କିଭଳି ଲାଗିଲା ସେନେଇ କିଛି ସ୍ପଷ୍ଟ ସୂଚନା ମିଳିନାହିଁ । ପରିସ୍ଥିତି ଉତ୍ତେଜନା ପ୍ରବଣ ଥିବାରୁ ଘଟଣା ସ୍ଥଳରେ ୫ଟି ଥାନାର ପୁଲିସ ମୁତୟନ ହେବା ସମେତ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ଓ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଉପସ୍ଥିତ ରହି ପରିସ୍ଥିତି ଅନୁଧ୍ୟାନ କରୁଛନ୍ତି ।

# ହାଡିଗୁଡା ଜଙ୍ଗଲରେ ଲାଗିଲା ନିଆଁ

**ନନ୍ଦପୁର,(ନି.ପ୍ର) :** ଥାନା ଅଧୀନ ହାଡ଼ିଗୁଡ଼ା ଗାଁ ନିକଟ ଜଙ୍ଗଲ ରେ ନିଆଁ ଲାଗିଥିବା ଜଣା ପଡ଼ିଛି। ଆଜି ସନ୍ଧ୍ୟାରେ ଏହି ଜଙ୍ଗଲ ରେ ନିଆଁ ଲାଗି ଥିବା ନେଇ ଖବର ପାଇବା ପରେ ନନ୍ଦପୁର ଅଗ୍ନିଶମ କର୍ମଚାରୀ ମାନେ ପହଞ୍ଚି ଥିଲେ। ରାତି ହୋଇ ଯାଇଥିବା ଯୋଗୁଁ ଜଙ୍ଗଲ ମଧ୍ୟ କୁ ଯାଇ ନିଆଁ କୁ ଆୟତ କରିବା ସମ୍ଭବ ନଥିବା ରୁ ଅଗ୍ନିଶମ କର୍ମଚାରୀ ମାନେ ଫେରି ଆସିଥିଲେ।

# ବିରାଟ ଗଛ ପଡି ଗାଡି ଚଳାଚଳ ବାଧାପ୍ରାପ୍ତ

**ନନ୍ଦପୁର,(ନି.ପ୍ର) :** ବ୍ଲକ ଅନ୍ତର୍ଗତ ପାଡୁଆ ବଡ ଦେ୍ୱତା ମନ୍ଦୀର ନିକଟ ମୁଖ୍ୟ ରାସ୍ତା ରେ ଗତ କାଲି ରାତି ରେ ଏକ୍‌ବିରାଟ କାୟା ବଟଗଛ ପଡ଼ି ଏହି ରାସ୍ତା ରେ ଗାଡ଼ି ଚଳଚଳ ବାଧାପ୍ରାପ୍ତ ହେଉଥିଲା। ଖବର ପାଇ ଆଜି ନନ୍ଦପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ଗଛ କାଟି ସଫା କରିବା ପରେ ଯାନ ବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।





ଗାଡ଼ି ମୋଟର ଚଳା ଚଳ ରେ ବାଧା ସୃଷ୍ଟି ହୋଇଥିଲା। ଶୁକ୍ରବାର ଦିନ ସକାଳେ ଖବର ପାଇ ନନ୍ଦପୁର ଅଗ୍ନିଶମ ଓ ଆଇ ସି ଚିତ୍ତରଞ୍ଜନ ପାଙ୍ଗିଆ, ଗାଡ଼ି ଚାଳକ ଦିଲେଶ୍ୱର୍ ସେଠୀଆ, ଏଫ୍ ଏମ ପ୍ରକାଶ କିସାନ୍ ଓ ରଞ୍ଜନ ମଲ୍ଲିକ ପହଞ୍ଚି ଗଛ କାଟି ସଫା କରିବା ପରେ ଯାନ ବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

# କାଠଘରା ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଥୁଆମୂଳ ରାମପୁର,(ନି.ପ୍ର) :** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ କାଠଘରା ର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧିନ ର ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ଶିକ୍ଷା ନିରୀକ୍ଷକ ଶ୍ରୀ ଯୁକ୍ତ କୈଳାସ ଚନ୍ଦ୍ର ମହାରଣା ଯୋଗଦେଇ ଥିବା ବେଳେ ମୁଖ୍ୟବକ୍ତା ଭାବେ ଥୁଆମୁଳ ରାମପୁର ମାଁ ମାଣିକେଶ୍ୱରୀ କଲେଜ ଅଧକ୍ଷ ଶ୍ରୀ ସତ୍ୟ ନାରାୟଣ ମୁଣ୍ଡଛିନା ଯୋଗଦେଇ ଥିଲେ ସମ୍ମାନିତ ଅତିଥି ରୂପେ କଳାହାଣ୍ଡି ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ଜାନକୀବଲ୍ଲଭ ସାମନ୍ତରାୟ ଯୋଗଦାନ ଥିବା ସହ ଗୋପାଳପୁର ହାଇସ୍କୁଲ ର ଶିକ୍ଷକ ରବୀନ୍ଦ୍ର ନାରାୟଣ ସେଠୀ , ବିରୁପାକ୍ଷ ରାଉତ, ଗୁଣପୁର ହାଇସ୍କୁଲ ର ବରିଷ୍ଠ ଶିକ୍ଷକ ପ୍ରମୋଦ କୁମାର ଛତ୍ରୀୟା ସମାଜସେବୀ ରବି ନାରାୟଣ ସିଂହ , ସ୍କୁଲ ପରିଚାଳନା କମିଟି ର ଉପସଭାପତି ଶ୍ରୀ ମୋହନ କୁମାର ରେଲି ମଞ୍ଚାସିନ ଥିବା ବେଳେ ଏହି ସ୍କୁଲର ପ୍ରଧାନଶିକ୍ଷକ ଶ୍ରୀ ଜନ୍ମେଜୟ ଶବର ସଭାପତିତ୍ୱ କରିଥିଲେ , କାର୍ଯ୍ୟକ୍ରମ ମଞ୍ଚ ସଂଚାଳକ ଥିଲେ ଭବାନୀପାଟଣା ବ୍ଲକ



ସୋହାଗପୁର୍ ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀ ସଂଜୀବ କୁମାର ପଣ୍ଡା । ପ୍ରଥମେ ଶୁଭାରମ୍ଭ ପୂର୍ବରୁ ଅତିଥି ଓ ଉପସ୍ଥିତ ସମସ୍ତେ ଭଗବାନ ଙ୍କ ଠାରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ ଏବଂ ଛାତ୍ରୀ ମାନଙ୍କ ଦ୍ୱାରା ଅତିଥି ସ୍ୱାଗତ ସଙ୍ଗୀତ ଗାନ କରି ସମସ୍ତ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ପରେ ପ୍ରଧାନ ଶିକ୍ଷକ ସମସ୍ତ ଅତିଥିଙ୍କୁ ପୁଷ୍ପଗୁଛ ସହ ଉପଢୌକନ ଦେଇ ସମ୍ମାନିତ କରିଥିଲେ ଓ ସ୍କୁଲ ର ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥି ମାନେ ଛାତ୍ର ଛାତ୍ରୀ ମାନଙ୍କୁ ସୁ ନାଗରିକ ହେବା ସହ ଆସନ୍ତା କାଲି ର ଅଞ୍ଚଳର ଉନ୍ନତି କରିବା ଲାଗି ଆଗେଇ ଆସି ଉପଯୁକ୍ତ ଶିକ୍ଷା ଗ୍ରହଣ କରି ନିଜ ତଥା ନିଜ ଅଞ୍ଚଳ ର ଗୌରବ ଆଣିବା ଦିଗରେ ଉପଦେଶ ଦେଇଥିଲେ । ଆଗରୁ ସ୍କୁଲରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା କରାଯାଇଥିବା ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ସ୍ୱହସ୍ତରେ ସାର୍ଟିଫିକେଟ ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ରେ ଉକ୍ତ ସ୍କୁଲ ଓ ପାଖ ଗୁଣପୁର ହାଇସ୍କୁଲ ର ସମସ୍ତ ଶିକ୍ଷକ ସହିତ ଅନ୍ୟାନ୍ୟ କାର୍ଯ୍ୟରତ କର୍ମଚାରୀ ବୃନ୍ଦ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଶେଷରେ ଶିକ୍ଷକ ଚିରଞ୍ଜିବୀ ସ୍ୱାଇଁ ସମସ୍ତ ଅତିଥିଙ୍କୁ ଧନ୍ୟବାଦ୍ ଦେଇଥିଲେ । ସଭାକାର୍ଯ୍ୟ ପରେ ଏହି ସ୍କୁଲର ଛାତ୍ର ଛାତ୍ରୀ ମାନେ ବିଭିନ୍ନ ପ୍ରକାରର ଦଳଗତ ଓ ଏକକ ନୃତ୍ୟ ପରିବେଷଣ କରି ବାର୍ଷିକ ଉତ୍ସବକୁ ମନୋରଞ୍ଜନ କରିବା ସହ ଆସିଥିବା ନିଜ ପିତା ମାତା, ଅଭିବାଭକ ଙ୍କ ପାଖରେ ଅଭିନୟ ପ୍ରଦର୍ଶନ କରିଥିଲେ ।

# ଅବସରପ୍ରାପ୍ତ ସୈନିକଙ୍କର ପଞ୍ଚଧାରା ଭେଟେରେନ୍ସ ଆସୋସିଏସନର ଦ୍ୱିତୀୟ ଜନ୍ମଦିନ ପାଳିତ

**ଆଠମଲ୍ଲିକ,(ନି.ପ୍ର) :** ପଞ୍ଚଧାରା ଭେଟେରେନ୍ସ ଆସୋସିଏସନ୍ ର ଦ୍ୱିତୀୟ ଜନ୍ମଦିନ ସମାରୋହ ଲୁହାମୁଣ୍ଡା କନଫରେନ୍ସ ହଲ ବଇଣ୍ଡାରେ ପାଳିତ ହୋଇଥିଲା । ଏହି ସମା ରୋହରେ ଆଠମଲ୍ଲିକ, କିଶୋରନଗର, ବଇଣ୍ଡା, ଜରପଡା ଅଞ୍ଚଳର




ଅଧିକରୁ ଅଧିକ ଅବସରପ୍ରାପ୍ତ ସୈନିକ ଯୋଗ ଦେଇଥିଲେ । ଏଥିରେ ମୁଖ୍ୟ ଅତିଥି ଲୁହାମୁଣ୍ଡା ଗ୍ରାମ ପଞ୍ଚାୟତର ସରପଞ୍ଚ କୁମୁଦ ଲୋଚନ ସାହୁ ଏ୍ୱଂ ବିଶିଷ୍ଟ ସାମ୍ବାଦିକ ପରକ୍ଷିତ ସାହୁ , ବିଶ୍ୱଜିତ୍ ପଟ୍ଟନାୟକ, ଦୀପକ କୁମାର ସାହୁ , ସଞ୍ଜୟ କୁମାର ସାହୁ, ସଞ୍ଜୟ ଟାଙ୍ଗୀ ତଥା ପ୍ରଶାନ୍ତ କୁମାର ନାୟକ ପ୍ରଭୃତି ଅତିଥି ଭାବରେ ଯୋଗ ଦେଇ ଥିଲେ । ସଂଘ ପକ୍ଷରୁ ସାମ୍ବାଦିକ ମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା ।କାର୍ଯ୍ୟକ୍ରମରେ ପ୍ରମୋଦ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ ଏବଂ ସାଧାରଣ ସମ୍ପାଦକ ସୁକାନ୍ତ କୁମାର ରଣା ସ୍ୱାଗତ ଅଭିଭାଷଣ ରଖିଥିଲେ. କିଛି ସୈନିକ ସଦସ୍ୟ ତଥା ବିଧବା ମାନଙ୍କର ପେନସନ ଡକ୍ୟୁମେଣ୍ଟର ତ୍ରୁଟି ସମ୍ବନ୍ଧରେ ଉପର କାର୍ଯ୍ୟାଳୟକୁ ଚିଠି ଲେଖି ସଂଶୋଧନ କରାଯାଇଥିଲା ଏ୍ୱଂ ଉଚିତ୍ ପେନସନ ନ ପାଇବା ସଦସ୍ୟଙ୍କର ବିଷୟକୁ ନେଇ ତଥା ବିଭିନ୍ନ ପ୍ରକାରର ସମସ୍ୟା ଦୂରୀକରଣ କରାଇବା ବିଷୟକୁ ନେଇ ଆଲୋଚନାକୁ ଆସିଥିଲା । ଦୁର୍ଘଟଣା ଗ୍ରସ୍ତ ଲୋକ ମାନଙ୍କୁ ନିକଟତମ ହସ୍ପିଟାଲ ରେ ପହଞ୍ଚାଇବା, ପବ୍ଲିକ ତଥା ଡାକ୍ତରଖାନା, ମନ୍ଦିର, ବିଦ୍ୟାଳୟ ପ୍ରଭୃତିର ସଫେଇ ପ୍ରତି ଧ୍ୟାନ ଦେବା, ଯୁବପିଢି ମାନଙ୍କୁ ଶିକ୍ଷା ଦେବା ଏବଂ ଜାଗ୍ରତ କରାଇ ସେନାରେ ଭର୍ତ୍ତି କରାଇବା, ରକ୍ତଦାନ ଶିବିର ମାଧ୍ୟମରେ ରକ୍ତ ସଂଗ୍ରହ କରି ନିକଟତମ ଜିଲ୍ଲା ଡାକ୍ତର ଖାନକୁ ପଠାଇବା ଏହିପରି ମହତ୍ୱପୂର୍ଣ୍ଣ କାର୍ଯ୍ୟ କରିବାପାଇଁ ଦୃଢ଼ ପଦକ୍ଷେପ ନିଆଗଲା। ଅଶୋକ କୁମାର ଶତପଥି, ପ୍ରଶାନ୍ତ କୁମାର ସାହୁ, ପବିତ୍ର ରଣା, ସନ୍ତୋଷ କୁମାର ନାୟକ, ବୃଶବ୍ ପାଣ୍ଡେ , ତ୍ରିନାଥେଶ୍ୱର ପ୍ରଧାନ, ଚ୍ୟବନ ପ୍ରସାଦ ପ୍ରଧାନ, ପ୍ରତାପ କୁମାର ପ୍ରଧାନଙ୍କ ସହଯୋଗରେ ସଭାର କାର୍ଯ୍ୟକ୍ରମ ସମ୍ପୂର୍ଣ କରାଗଲା।

# ମଇଁଷି ସହ ଧକ୍କା ହେଲା ବାଇକ୍, ଦୁଇ ଜଣ ଆହତ



**ଲାମତାପୁଟ,(ନି.ପ୍ର) :** ବ୍ଲକ କଞ୍ଚଣା ଗାଁ ନିକଟ ରାସ୍ତା ରେ ଆଜି ରାତି ରେ ଏକ ବାଇକ୍ ଦୁର୍ଘଟଣା ଘଟି ଦୁଇ ଜଣ ଆହତ ହୋଇ ଡାକ୍ତରଖାନା ରେ ଭର୍ତ୍ତି ହୋଇଛନ୍ତି ।ସୁଚନା ଅନୁଯାୟୀ ନନ୍ଦପୁର ବ୍ଲକ ପାଡୁଆ ଥାନା ଅଧୀନ ଆବରଡା ଗାଁ ର ଗୋବିନ୍ଦ ଜାଲା ଓ ତାଙ୍କ ସ୍ତ୍ରୀ ଏକ ବାଇକ୍ ଯୋଗେ ମାଲକାନଗିରି ଯାଉ ନିଜ ଗାଁ କୁ ଫେରୁଥିବା ବେଳେ କଞ୍ଚନା ଗ୍ରାମ ନିକଟ ରେ ହଠାତ୍ ଏକ ମଇଁଷି ରାସ୍ତା ଉପରକୁ ଆସି ଯିବାରୁ ବାଇକ୍ ଟି ମଇଁଷି ସହ ଧକ୍କା ହୋଇଥିଲା। ଏଥିରେ ବାଇକ୍ ଚାଳକ ଗୋବିନ୍ଦ ଆହତ ହୋଇଥିବା ବେଳେ ତାଙ୍କ ସ୍ତ୍ରୀ ଗୁରୁତର ହୋଇଥିଲେ। ଉକ୍ତ ଗାଁ ଲୋକେ ତାଙ୍କୁ ଏକ ଅଟୋ ରେ ଲମତାପୁଟ ଆଶା କିରଣ ହସ୍ପିଟାଲ କୁ ପଠାଇଥିଲେ।

# ନୂଆଗାଁ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

**ନୂଆଗାଁ ବ୍ଲକ,(ନି.ପ୍ର) :** ନୟାଗଡ ଜିଲ୍ଲା ନୂଆଗାଁ ମହୋତ୍ସବର ଆଜି ଦ୍ୱିତୀୟ ଦିବସରେ ସ୍ଥାନୀୟ କଳାକାରମାନଙ୍କ ନୃତ୍ୟରେ ଦର୍ଶକ ବିମୋହିତ ହୋଇଛନ୍ତି। ଆଜି ଦ୍ୱିତୀୟ ଦିବସରେ କନ୍ଧମାଳ ସାଂସଦ ତଥା ନୂଆଗାଁ ମହୋତ୍ସବ କମିଟି ସଭାପତି ସୁକାନ୍ତ କୁମାର ପାଣିଗ୍ରାହୀ, ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀ, ନୂଆଗାଁ ବ୍ଲକ ବିଡିଓ ଡ. ଅମୃତ କୁମାର ରାଉଳ, ନୂଆଗାଁ ବ୍ଲକ ଉପାଧକ୍ଷ ପର୍ଶୁରାମ ସ୍ୱାଇଁ, ନୂଆଗାଁ ମହୋତ୍ସବ କମିଟି ସମ୍ପାଦକ ଶିବରାମ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ମହୋତ୍ସବରେ କ୍ଷୁଦ୍ର ବ୍ୟବସାୟ, ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ପାଇଁ ବ୍ୟବସାୟ କରିବାର ଏକ ମାଧ୍ୟମ ପାଲଟିଛି। ଯାହାଦ୍ୱାରା ମହିଳା ମାନେ ନିଜେ ସ୍ୱାବଲମ୍ବୀ ହେବା ସଙ୍ଗେ ସଙ୍ଗେ ଅନ୍ୟ ମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ଆଜିର ସନ୍ଧ୍ୟାରେ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ପାଂଚାଳୀ ଡ୍ୟାନ୍ସ ଗ୍ରୁପ ଦ୍ୱାରା ନୂଆଗାଁ ବନ୍ଦନା, ଆସାମ କଳାକାର ମାନଙ୍କ ଦ୍ୱାରା ବିହୁ ଲୋକନୃତ୍ୟ ପରିବେଶଣ କରାଯାଇଥିଲା। ମେଲୋଡି ଓଡିଶା ଆଇଡଲର କଣ୍ଠଶିଳ୍ପୀ ରଙ୍ଗିଲା ରଞ୍ଜିତଙ୍କ ସ୍ୱରରେ ଦର୍ଶକ ଝୁମିଥିଲେ। ହାସ୍ୟ ଅଭିନେତା ଜ୍ଞାନ ବାରିକ (ନାଳି ଆମ୍ବ) ଦର୍ଶକ ମାନଙ୍କୁ ହସେଇ ହସେଇ ବେଦମ କରିଥିଲେ।



# ଫାର୍ମାସିଷ୍ଟ୍ ନାଁରେ ଦୁଇନମ୍ବରି ନର୍ସିଂହୋମ୍



**ବଲାଙ୍ଗୀର,(ନି.ପ୍ର) :** ଜିଲ୍ଲା ତଥା ପାଟଣାଗଡ଼ ଅଞ୍ଚଳ ବାଘମୁଣ୍ଡ ଜୁରିଆ ଯୁଗୀମୁଣ୍ଡା ସାନଡଡେନ ଏହି ଗ୍ରାମ ରେ ଖୁଲମ୍ ଖୁଲ୍ଲା ନର୍ସିଙ୍ଗ୍ ହୋମ୍ କରୀ ବେଶ୍ ବିଜିନେସ୍ କରୁଛନ୍ତି କିଛି ଏଗ୍ରିମେଣ୍ଟ ଫାର୍ମାସିଷ୍ଟ୍ । ପ୍ରଶାସନ୍ ର ଜାଣତ, ନା ଅଜାଣତରେ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏକଥା ର ତାତ୍ପର୍ଯ୍ୟ ହେଲା ବାବୁମାନେ ଗୋଟେ, ଗୋଟେ ଫାର୍ମାସିଷ୍ଟ ସାର୍ଟିଫିକେଟ୍ ନାଁରେ ଘରେ, ଘରେ ତାଜମହଲ୍ ଭଳି ନର୍ସିଙ୍ଗ୍ ହୋମ୍ ଖୁଲୀ ସାଧାରଣ ଜନତାଙ୍କ ଟଙ୍କା କୌଶଳ କ୍ରମେ ଉପାର୍ଜନ କରୁଥିବା ଏକ ପ୍ରକାର ନିଆରା ବ୍ୟବସାୟ ପାଲଟିଛି । ଆଜିକା ଦିନରେ ଅନ୍ୟଦେଶ ମାନଙ୍କଠୁ ଆମ ଭାରତ ବିଜ୍ଞାନ କ୍ଷେତ୍ରରେ ଚନ୍ଦ୍ରପୃଷ୍ଠରେ ପହଞ୍ଚି ସାରିଲାଣି ତଥାପି ବି ଲୋକଙ୍କୁ ସାଧାରଣ ଜ୍ଞାନର ଅଭାବ ରହିଛି । ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ମାନେ ସବୁବେଳେ ଲୋକଙ୍କୁ ସେବା ଯୋଗାଇବାରେ ତତ୍ପର ଅଛନ୍ତି ଓ ସରକାରୀ ଔଷଧ ମଧ୍ୟ ମାଗଣାରେ ସରକାରଙ୍କ ତରଫରୁ ଲୋକଙ୍କୁ ଯୋଗାଯାଉଛି ! ଏତେ ସୁ ସୁବିଧା ଥାଇ ମଧ୍ୟ, କିଛି ଟାଉଟର୍ ବ୍ୟକ୍ତି ନିଜକୁ ସୁପର୍ ଡାକ୍ତର କହି ନିଜ ଘରେ କିମ୍ବା ଦୋକାନ ଘରଭଡା ନେଇ । ବଡ, ବଡ, ଅକ୍ଷରେ ପଟେଲ୍, କ୍ଲିନିକ୍ ପୁରୋହିତ , କ୍ଲିନିକ୍ ଅମୁକ,କ୍ଲିନିକ ଇତ୍ୟାଦି ଲେଖି ସାଇନ୍ ବୋର୍ଡ୍ ଦେଇ, ଲୋକଙ୍କୁ ଆକର୍ଷିତ କରି ଅତି ଚାଲାକି ଢଙ୍ଗରେ ଲୁଟି ନେଉଛନ୍ତି ନିରୀହ ଆଦିବାସୀ ଖଟିଖିଆଙ୍କ ଟଙ୍କା । ଓ ଏଥିର ଶିକାର୍ ହେଉଛନ୍ତି ଶାନ୍ତ, ଶରଳ ଧର୍ମବିଶ୍ୱାସି ସାଧାରଣ ଜନତା। ଏମାନେ ଯାହାକୁ ଥରେ ବିଶ୍ୱାସ୍ କଲେ ତାକୁ ଭଗବାନ୍ ତୁଲ୍ୟ ମନେ କରନ୍ତି ! ଓ ଏହି ମଜବୁରି ର ଫାଇଦା ନେଉଛନ୍ତି ଟାଉଟର୍ ଅଣଡାକ୍ତର ମାନେ । ତ ଏ ଟାଉଟର୍ ମାନଙ୍କ ପଛରେ କାହା ହାତ, ନା ଡିଷ୍ଟ୍ରିକ୍ ଡ.ଓ ବିଭାଗର କିଛି ହାତ ତାହା ଏବେ ସଂଶୟ ଘେରରେ। ଏ ଟାଉଟରୀ ବାବୁ ମାନେ ନିଜକୁ ଡାକ୍ତର ସାଜୁଥିବା ଓ ଅନ୍ୟାୟ ଢଙ୍ଗରେ ଲୋକଙ୍କୁ ଲୁଟୁଥିବା ବିଷୟରେ ପ୍ରଶାସନ ସଠିକ୍ ତଦନ୍ତ କରିବାପାଇଁ ସର୍ବସାଧାରଣ ରେ ଦାବି ହେଉଛି ।

# ଏକ୍ସିସ ବ୍ୟାଙ୍କ୍‌ର ମନମାନି

**ମୋହନା,(ନି.ପ୍ର) :** ବ୍ଲକ ଅନ୍ତର୍ଗତ ବିରିକୋଟ ଠାରେ ଏକ୍ସିସ୍ ବ୍ୟାଙ୍କଟିଏ ଜନସାଧାରଣ ସୁବିଧା ସକାଶେ ଅଛି। ଦୂର୍ଭାଗ୍ୟର କଥା ଆଜିକୁ ସାତ ଦିନ ହେଲା




ପରିଚାଳକ ମହାଶୟ ଛୁଟିରେ ଥିବାରୁ ଆର୍ଥିକ କାରବାର ସଂପୂର୍ଣ୍ଣ ରିତେ ବାଧାପ୍ରାପ୍ତ ହୋଇ ପଡିଛି । ବଡ଼ କଥା ହେଉଛି ପରିଚାଳକ ମହାଶୟ ଯେତେବେଳେ ଛୁଟିରେ ଗଲେ ସେତେବେଳେ ସହପରିଚାଳକ ଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ଆର୍ଥିକ କାରବାରର ବ୍ୟବସ୍ଥା କରି ଯିବା କଥା। କିନ୍ତୁ ଦୁର୍ଭାଗ୍ୟର ବିଷୟ ସବୁ ବିଷୟ ହସ୍ତାନ୍ତର ହୋଇଥିଲେ ମଧ୍ୟ ଏହା କରିନାହାନ୍ତି । ମାର୍ଚ୍ଚ ମାସ ହୋଇଥିବାରୁ ବ୍ଲକର ଯାହା ବିଲ୍ ଆସିଛି ତାହା କିଛି ମଧ୍ୟ ଟ୍ରନସଫର୍ ହୋଇପାରିନାହିଁ ଯାହାଦ୍ୱାରା କରିଥିବା କାମର ପ୍ରାପ୍ୟ ପାଇବା ପାଇଁ ଚାତକ ପରି ଚାହିଁ ଥିବା ଠିକାଦାରଙ୍କୁ ହତାଶ ହେବାକୁ ପଡୁଛି। କେବଳ ସେତିକିରେ କଥା ସରେନି ଠିକାଦାର ବନ୍ଧା ତନକା କରି କରିଥିବା କାମର ପ୍ରାପ୍ୟ ସମୟରେ ନମିଳିଲେ ସେ ଅନ୍ୟଠାରୁ ଆଣିଥିବା ସମାନ ର ପ୍ରାପ୍ୟ ଦେଇନପାରି ମୁହଁ ଲୁଚାଇବାକୁ ପଡୁଛି କିଂବା ଫୋନ୍ ସ୍ୱିଚ ଅଫ୍ କରିବାକୁ ପଡୁଛି। ଏଥି ସକାଶେ ମୋହନା ଗୋଷ୍ଠି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ମଧ୍ୟ ବ୍ୟାଙ୍କ୍ ପରିଚାଳକ ସରୋଜ କାନ୍ତ ମହାନ୍ତିଙ୍କୁ ଯୋଗାଯୋଗ କରିଥିବା ସୂଚନା ମିଳିଛି। କିନ୍ତୁ ପ୍ରଶ୍ନ ଏହା ଉଠୁଛି ଯେ ମୋହନା ଠାରୁ ବାଇଶି କିଲୋମିଟର ଦୂରରେ ଥିବା ବ୍ୟାଙ୍କ୍ ରେ କାହା ଇଙ୍ଗିତରେ ଟଙ୍କା ରଖା ହୋଇଛି। ମୋହନା ରେ ଥିବା ବ୍ୟାଙ୍କ୍ ରେ ଟଙ୍କା ରଖିଲେ ସମସ୍ୟା ହେବନାହିଁ ବୋଲି ସାଧାରଣ ରେ ଚର୍ଚ୍ଚା ହେଉଛି।

# ‘ବନ ରହିଲେ ବନ୍ୟପ୍ରାଣୀ ରହିବ’ ସଂଗୀତ ଲୋକାର୍ପିତ

**ବେତନଟୀ,(ନି.ପ୍ର) :** ଜାତୀୟ ସବୁଜ ବାହିନୀର ମାଷ୍ଟର ଟ୍ରେନର ତଥା ଇକୋ କ୍ଲବ ମୟୂରଭଞ୍ଜ ଜିଲ୍ଲା ସଂଯୋଜକ ଡ଼କ୍ଟର ରମାକାନ୍ତ ମହାନ୍ତଙ୍କ ରଚିତ ଏବଂ କଣ୍ଠଶିଳ୍ପୀ ଝୁମର ରାଣୀ ବିନ୍ଦୁମତୀ ମହାନ୍ତଙ୍କର କଣ୍ଠ ଦାନରେ ପ୍ରସ୍ତୁତ ଏକ ପରିବେଶ ସଂଗୀତ ‘ବନ ରହିଲେ ବନ୍ୟ ପ୍ରାଣୀ ରହିବ‘ ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟ ଜାତୀୟ ସେବା ଯୋଜନାର ଜିଲ୍ଲା ସ୍ତରୀୟ ନେତୃତ୍ୱବିକାଶ ପ୍ରଶିକ୍ଷଣ ଶିବିରର ଉଦଯାପନୀ ଉତ୍ସବରେ ଲୋକାର୍ପିତ ହୋଇ ଯାଇଛି । ବିଶ୍ୱ ବିଦ୍ୟାଳୟରେ ଥିବା ସେଣ୍ଟର ଫୋର ଶିମିଳିପାଳ ଷ୍ଟାଡିଜର ନିର୍ଦ୍ଦେଶକ ପ୍ରଫେସର ହେମନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜାତୀୟ ସେବା ଯୋଜନା ବ୍ୟୁରୋ ମୁଖ୍ୟ ଡ଼କ୍ଟର ବସନ୍ତ କୁମାର ମହାନ୍ତ, ସମ୍ମାନିତ ଅତିଥି ଭାବରେ ପ୍ରାଣୀ ବିଜ୍ଞାନ ବିଭାଗର ପ୍ରଫେସର ପୁଷ୍ପାଞ୍ଜଳି ପରିଡା, ମୁଖ୍ୟ ବକ୍ତା ଭାବରେ ଜାତୀୟ ସେବା ଯୋଜନାର ମୟୂରଭଞ୍ଜ ଜିଲ୍ଲା ସଂଯୋଜକ ଡ଼କ୍ଟର ଅନାମ ଚରଣ ରାଉଳ, ବିଶିଷ୍ଟ ବକ୍ତା ଭାବରେ ଉଭିଦ ବିଜ୍ଞାନର ପ୍ରାଧାପିକା ଡ଼କ୍ଟର ବିଷ୍ଣୁପ୍ରିୟା ହାଁସଦା, ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧକ୍ଷ ଡ଼କ୍ଟର ପ୍ରବୋଧ କୁମାର ଦେ, ଜାତୀୟ ସେବା ଯୋଜନା ଅଧିକାରୀ ଶିଶିର କୁମାର ବେହେରା, ବିଶ୍ୱ ବିଦ୍ୟାଳୟର ବେଉଟିଫିକେସନ ଅଫିସର ଦେବେନ୍ଦ୍ର କୁମାର ପତି,ପଞ୍ଚାୟତ ସମିତି ମହାବିଦ୍ୟାଳୟ ବଡ଼ସାହିର ଏନ.ଏସ.ଏସ ଅଫିସର ଡ଼କ୍ଟର ରିତୁଲତା ବିଶ୍ୱାଳ, ବାରିପଦା ମହାବିଦ୍ୟାଳୟର ଏନ ଏସ ଏସ ଅଫିସର ଜ୍ୟୋସ୍ନାରାଣୀ ଦେ ପ୍ରମୁଖ ଯୋଗଦାନ କରି ଡ଼କ୍ଟର ରମାକାନ୍ତ ମହାନ୍ତଙ୍କ ରଚିତ ବନ ରହିଲେ ବନ୍ୟ ପ୍ରାଣୀ ରହିବ ସଙ୍ଗୀତକୁ ଲୋକାର୍ପଣ କରିଥିଲେ । ଏହି ପରିବେଶ ସଂଗୀତ ମାଧ୍ୟମରେ ଜଙ୍ଗଲ, ଜୈବ ବିବିଧତା,ବନ,ବନ୍ୟ ପ୍ରାଣୀ,ଜୀବ ଜନ୍ତୁଙ୍କ ସୁରକ୍ଷା ପାଇଁ ସଚେତନତା ସୃଷ୍ଟି ହୋଇ ପାରିବ ବୋଲି ଅତିଥି ମାନେ କହିଥିଲେ । ବିଶ୍ୱ ବନ୍ୟପ୍ରାଣୀ ସୁରକ୍ଷା ଦିବସରେ ସଂଗୀତର ଲୋକାର୍ପଣ ନିମନ୍ତେ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସୁଯୋଗ ପ୍ରଦାନ କରିଥିବାରୁ ସଂଗୀତର ଗୀତିକାର ଡ଼କ୍ଟର ରମାକାନ୍ତ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଲୋକାର୍ପଣ ଉତ୍ସବରେ ମୟୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଡିଗ୍ରୀ ମହାବିଦ୍ୟାଳୟର ଶତାଧିକ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ ।

# ଡ. ଦୈତ୍ୟାରି ପୂଜାରୀ ପାଇଲେ ରାଜ୍ୟପାଳ ପୁରସ୍କାର






**ବଲାଙ୍ଗୀର,(ନି.ପ୍ର) :** ବଲାଙ୍ଗୀର ଜିଲ୍ଲା ଯୁଧିଷ୍ଠିର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ତଥା ଯୁବ ରେଡକ୍ରସ୍ ସଂଯୋଜକ ଡ଼.ଦୈତ୍ୟାରି ପୂଜାରୀ ରାଜ୍ୟର ଶ୍ରେଷ୍ଠ ପରାମର୍ଶଦାତା ଭାବେ ମହାମହିମ ରାଜ୍ୟପାଳଙ୍କ ଠାରୁ ପୁରସ୍କୃତ ହୋଇଛନ୍ତି । ଭୁବନେଶ୍ୱର ରାଜ ଭବନର ନୂଆ ଅଭିଷେକ ପ୍ରେକ୍ଷାଳୟରେ ଆୟୋଜିତ ରାଜ୍ୟସ୍ତରୀୟ ଯୁବ ରେଡକ୍ରସ୍ ପୁରସ୍କାର ବିତରଣ ଉତ୍ସବରେ ମହାମହିମ ରାଜ୍ୟପାଳ, ଓଡିଶା ତଥା ଭାରତୀୟ ରେଡକ୍ରସ୍ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖାର ସଭାପତି ଡ. ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀଯୁକ୍ତ ପୂଜାରୀଙ୍କୁ ୨୦୨୩-୨୪ ବର୍ଷ ପାଇଁ ଶ୍ରେଷ୍ଠ ଯୁବ ରେଡକ୍ରସ୍ ପରାମର୍ଶଦାତା ଭାବେ ପୁରସ୍କାର ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ । ଉକ୍ତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଏନବିଏସ ରାଜପୁତ ଓ ଭାରତୀୟ ରେଡକ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟ ଶାଖାର ଅବୈତନିକ ସଚିବ ଗଣେଶ ଚନ୍ଦ୍ର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ ।ଯୁବ ରେଡକ୍ରସ୍ ଅଧିକାରୀ ଡ଼. ରମେଶ ଚନ୍ଦ୍ର ବେହେରା ଓ କନିଷ୍ଠ ରେଡକ୍ରସ୍ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଉଲ୍ଲେଖଯୋଗ୍ୟ ଯେ ଜଣେ ନିୟମିତ ରକ୍ତଦାତା ଓ ପ୍ରୋତ୍ସାହକ ଭାବେ ଡ଼. ଦୈତ୍ୟାରି ପୂଜାରୀ ପୂର୍ବରୁ ରାଜ୍ୟ ରକ୍ତବୀର ସମ୍ମାନରେ ସମ୍ମାନୀତ ହୋଇଥିଲେ । ରକ୍ତଦାନ ବ୍ୟତୀତ ଯୁବ ରେଡକ୍ରସ୍ ଓ ରେଡ ରିବନ କ୍ଲବ ସମ୍ବନ୍ଧିତ ବିଭିନ୍ନ ସଚେତନ ମୂଳକ କାର୍ଯ୍ୟକ୍ରମ ସଂପାଦନ, ପ୍ରାଥମିକ ସହାୟତା ତାଲିମ ପ୍ରଦାନ, ବୃକ୍ଷ ରୋପଣ, ବିପର୍ଯ୍ୟୟ ପରିଚାଳନା ପରି ଉଲ୍ଲେଖନୀୟ ଅବଦାନ ତଥା ବଲାଙ୍ଗୀର ଜିଲ୍ଲା ଯୁବ ରେଡକ୍ରସ୍ ର କାର୍ଯ୍ୟକ୍ରମ ଗୁଡିକୁ ସଫଳ ରୂପେ ପରିଚାଳନା କରିଥିବାରୁ ରାଜ୍ୟପାଳ ପୁରସ୍କାର ପାଇଁ ମନୋନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ସାକ୍ଷୀ ଭାବରେ ବଲାଙ୍ଗୀର ଜିଲ୍ଲା ସୁଦାମ ଚରଣ ଡିଗ୍ରୀ କଲେଜର ପରାମର୍ଶଦାତା ପ୍ରଦୀପ୍ତ ପାଣିଗ୍ରାହୀ,ସ୍ୱେଚ୍ଛାସେବୀ ଉତ୍ତମ ପଟେଲ, ଲୋଇସିଂହା ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ଅର୍ପଣ କୁମାର ବାରିକ ଉପସ୍ଥିତ ରହି ଉତ୍ସାହିତ କରିଥିଲେ । ଏହି ସଫଳତା ପାଇଁ ଡ. ପୁଝାରୀ ବଲାଙ୍ଗୀର ଜିଲ୍ଲା ରେଡ଼କ୍ରସ ର ପୃଷ୍ଠପୋଷକ ଆଜୀବନ ସଭ୍ୟ ବିଷ୍ଣୁ ପ୍ରସାଦ କେଡିଆ, ଯୁଧିଷ୍ଠିର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଧନଞ୍ଜୟ ସେଠ ତଥା ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀମାନଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଛନ୍ତି । ଏହି ସଫଳତା ପାଇବା ପଛରେ ଡ଼. ପୁଝାରୀଙ୍କ ସହଧର୍ମିଣୀ ଲୋଇସିଂହା ମହାବିଦ୍ୟାଳୟର ସଂସ୍କୃତ ଅଧ୍ୟାପିକା ସୁନନ୍ଦା ରାଣୀ ମହାପାତ୍ର , ସୁପୁତ୍ର ବିଶ୍ୱ ରଂଜନ ପୂଜାରୀ, ଜିଲ୍ଲା ଯୁବ ରେଡକ୍ରସ୍ ବେ ଆବାହକ ସଂପାଦକ ଡ. ଅମୃତ ସିଂ ବରିହା , ଜିଲ୍ଲାର ସମସ୍ତ ପରାମର୍ଶ ଦାତା ଏବଂ ସ୍ୱେଚ୍ଛାସେବୀ ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ଗାୟକ ସୌରଭ ଭାଗିରଥି ପଣ୍ଡା ମେମୋରିଆଲ୍ ପାଲା ଗୁରୁକୁଳର ବାର୍ଷିକ ଉତ୍ସବ

**ଦଶରଥପୁର,(ନି.ପ୍ର) :** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ଥ ମଲ୍ଲିପୁର ଠାରେ ଗାୟକ ସୌରଭ ଭାଗିରଥି ପଣ୍ଡା ମେମୋରିଆଲ ପାଲା ଗୁରୁକୁଳର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭା ଶିକ୍ଷାବିତ ବୈକୁଣ୍ଠନାଥ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯାଜପୁର ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସଭାପତି ତଥା ଚଳଚିତ୍ର ଅଭିନେତା ହରିହର ସ୍ୱାଇଁ, ମୁଖ୍ୟ ବକ୍ତାଭାବେ ଅଧ୍ୟାପକ ଡଃ କୈଳାଶ ଚନ୍ଦ୍ର ବେହେରା, ସଂମ୍ମାନିତ ଅତିଥି ରୂପେ କୟାଁଗୋଲା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଳମଣି ମଲ୍ଲିକ ,କମାରଡିହ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ମଳୟ ପଣ୍ଡା, ଯୁବନେତା ପ୍ରିୟବ୍ରତ ବିଶ୍ୱାଳ, ଶେଷଦେବ ଦାସ ପ୍ରମୁଖ ଯୋଗଦେଇ ପାଲା ସଂସ୍କୃତି ଓ ଗାୟକ ସୌରଭ ଭାଗିରଥି ପଣ୍ଡାଙ୍କର ପାଲା ସଂସ୍କୃତି ପ୍ରତି ଥିବା ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅନୁଷ୍ଠାନର ସମ୍ପାଦକ ପ୍ରତାପ



କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ । ଉକ୍ତ ଉତ୍ସବକୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଜୟାଲକ୍ଷ୍ମୀ ନାୟକ, ଗଦାଧର ନାୟକ, ଅଭିମନ୍ୟୁ ମଲ୍ଲିକ, ଦୀନବନ୍ଧୁ ସାହୁଙ୍କୁ ଶିକ୍ଷା ସୌରଭ ସଂମ୍ମାନରେ ସଂମ୍ମାନିତ କରାଯାଇଥିଲା । ସୁଚିତ୍ରା ଜେନା ଓ ହରିହର ସ୍ୱାଇଁଙ୍କୁ ମାଟିର ମହକ ସଂମ୍ମାନରେ ସଂମ୍ମାନିତ କରାଯାଇଥିଲାବେଳେ ପାଲା ଗାୟକ ଅର୍ଜୁନ ଚରଣ ଦାସଙ୍କୁ ଭାଗିରଥି ପଣ୍ଡାଙ୍କ ସ୍ମୃତି ସଂମ୍ମାନରେ ସଂମ୍ମାନିତ କରାଯାଇଥିଲା ।

# ସୀମିତ ଯୁବକ ଓ ଯୁବତୀଙ୍କୁ ନେଇ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନର ଆର୍ଥିକ ସହାୟତା





**ନୀଳଗିରି, (ନି.ପ୍ର) :** ନୀଳଗିରି ଆଇଟିଡିଏ ପକ୍ଷରୁ ନୀଳଗିରି ଡାକ ବଙ୍ଗଳା । ପରିସରରେ ଜନଜାତି ଜୀବିକା ମିଶନର ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ତେବେ ଏହି ଭଳି କାର୍ଯ୍ୟକ୍ରମ ଆୟୋଜନ କରିଥିବା ନୀଳଗିରି ଆଧିବାସୀ ଉନ୍ନୟନ ସଂସ୍ଥା ଉପରେ ଅନେକ ପ୍ରଶ୍ନ ଚିହ୍ନ ଲାଗିଛି । ରାଜ୍ୟ ସରକାର ଅନୁସୂଚିତ ଜାତି ଓ ଜନଜାତି ପାଇଁ ବହୁ ମୁଖି ଯୋଜନା ପ୍ରଣୟନ କରିବା ସହିତ ତାର ସଫଳ ରୂପାୟନ ପାଇଁ ଅନେକ ସଂସ୍ଥା କାର୍ଯ୍ୟରତ ଅଛନ୍ତି । ତନ୍ ମଧ୍ୟରୁ ଆଇଟିଡିଏ ସଂସ୍ଥା ଅନ୍ୟତମ । ଆଦିବାସୀ ଯୁବକ ଓ ଯୁବତୀ ମାନଙ୍କୁ ନିଜ ଜୀବନର ଆର୍ଥିକ ମେରୁଦଣ୍ଡ କୁ ସୁଦୃଢ କରିବା ପାଇଁ ଜୀବିକା ମିଶନ ମାଧ୍ୟମ ରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ତେବେ ଏଠାରେ ପ୍ରଶ୍ନ ଉଠେ ଉକ୍ତ ସଂସ୍ଥା ଗଣତନ୍ତ୍ର ର ଚତୁର୍ଥ ସ୍ତମ୍ଭ ଭାବେ ପରିଚିତ ସାମ୍ବାଦିକ ଙ୍କୁ ଅନ୍ଧକାର ରେ ରଖି , ଡାକବଙ୍ଗଳା ପରିସର ରେ ଆର୍ଥିକ ସହାୟତା ପ୍ରଦାନ କରିବାର ମହତ୍ ଉଦ୍ଦେଶ୍ୟ କଣ ? ଏ ଭଳି କାର୍ଯ୍ୟ ଆଇଟିଡିଏ ର ପ୍ରକଳ୍ପ ଅଧିକାରୀ ନିଜ ଇଚ୍ଛାରେ କରିଛନ୍ତି ନା କେଉଁ ଅଦୃଶ୍ୟ ଆକ୍କା ଙ୍କ ନିର୍ଦ୍ଦେଶ ରେ କରିଛନ୍ତି ତାହା ନୀଳଗିରି ଜନ ମାନସରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ଆଉ ଏକ ବଡ଼ ପ୍ରଶ୍ନ, ଉକ୍ତ ସଂସ୍ଥା ଟି କଣ ସରକାରୀ ଦଳର ବ୍ୟକ୍ତିଗତ ସମ୍ପତି କି ? ଯେଉଁଥି ପାଇଁ ଡାକ ବଙ୍ଗଳା ର ରୁଦ୍ଧ ନିଷିଦ୍ଧ ପରିସୀମା ମଧ୍ୟରେ ଉକ୍ତ କାର୍ଯ୍ୟକ୍ରମ କୁ ଆୟୋଜିତ କରାଯାଇଅଛି ? ଏ ସମ୍ପର୍କରେ ବାଲେଶ୍ୱର ଜିଲ୍ଲାପାଳ ଅବଗତ ଅଛନ୍ତି କି ? ନା ନୀଳଗିରି ଉପଖଣ୍ଡ ର ହର୍ତା କର୍ତ୍ତା ଦୈବ ବିଧାତା ନୀଳଗିରି ଉପଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ ରେ ଦଳୀୟ କାର୍ଯକ୍ରମ ପାଳନ ହେଲାଭଳି ଉକ୍ତ କାର୍ଯ୍ୟକ୍ରମ ପାଳନ କରାଯାଇଅଛି । ଆଗାମୀ ଦିନରେ ଏ ଭଳି କାର୍ଯ୍ୟକ୍ରମ ଯେ ପରି କରା ନ ଯିବ, ସେଥିପ୍ରତି ବାଲେଶ୍ୱର ଜିଲ୍ଲାପାଳ ଦୃଷ୍ଟି ଦେବାକୁ ନୀଳଗିରି ଜନସାଧାରଣ ନିବେଦନ କରିଛନ୍ତି ।

# ରାଜ୍ୟସ୍ତରୀୟ ମାତୃ ସମ୍ମିଳନୀ ଉଦ୍‌ଘାଟିତ





**ଭୁବନେଶ୍ୱର,(ନି.ପ୍ର) :** ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ “ଓମେନ୍ସ” ନାରୀ ସଂଗଠନ ପକ୍ଷରୁ ୨ ଦିନିଆ ରାଜ୍ୟସ୍ତରୀୟ ମାତୃ ସମ୍ମିଳନୀ ଶ୍ରୀମତୀ ସରୋଜିନୀ ମହାନ୍ତିଙ୍କ ସଭାପତିତ୍ୱ ଓ ମାନ୍ୟବର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀଙ୍କ କରକମଳରେ ସାମ୍ବାଦିକ ଭବନ, ମାଷ୍ଟର କ୍ୟାଣ୍ଟିନ୍ ଠାରେ ଉଦ୍‌ଘାଟିତ ହୋଇ ଯାଇଅଛି । ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଚିକିତ୍ସକ ଡା.ବିଶ୍ୱନାଥ ପଟ୍ଟନାୟକ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ । ଅନୁଷ୍ଠାନର ସଂଯୋଜକ ଇଂ କୃଷ୍ଣପ୍ରସାଦ ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଉଦ୍‌ଘାଟକ ଓ ମୁଖ୍ୟଅତିଥି ଶ୍ରୀମତୀ ପାଢ଼ୀ ପୌରାଣିକ ଯୁଗରୁ ମା ସୁଭଦ୍ରାଙ୍କ ଠାରୁ ଆରମ୍ଭ କରି ସ୍ୱାଧିନତା ସମୟରେ ଝାଂସିରାଣୀ ଲକ୍ଷ୍ମୀବାଈ, ଶାରଳା ଦେବୀ, ରମା ଦେବୀ ଆଦିଙ୍କ ଭୂମିକା, ଆଧୁନିକ ଭାରତରେ ବିଭିନ୍ନ କ୍ଷେତ୍ରରେ ମହିଳାଙ୍କର ରାଷ୍ଟ୍ରପାଇଁ ଅବଦାନର ସ୍ମରଣ କରିଥିଲେ । ସାମାଜିକ ଓ ସାଂସ୍କୃତିକ ମୂଲ୍ୟବୋଧକୁ ରକ୍ଷା କରି ମହିଳାମାନେ ରାଷ୍ଟ୍ର ଗଠନରେ ବ୍ରତୀ ହେବା ପାଇଁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମର ଦ୍ୱିତୀୟାର୍ଦ୍ଧରେ ସୁକିନ୍ଦା ବ୍ଲକର ପୂର୍ବତନ ଅଧକ୍ଷା ଶ୍ରୀମତୀ ଭଗବତୀ ମହନ୍ତ, ଶ୍ରୀମତୀ କବିତା ବାରିକ, ଶ୍ରୀମତୀ ଅହଲ୍ୟା ମଲ୍ଲିକ, ଡ. ସୁଚିତା ରାଉତ, ଶ୍ରୀମତୀ ଜୟଶ୍ରୀ ଜେନା, ଶ୍ରୀମତୀ ଜାମ୍ବୋବତୀ ଭୋଇ, ଆର୍ଯ୍ୟ ସୁଚେତା ଗୁପ୍ତା, ଶ୍ରୀ ସୁରଜ ମହାକୁଡ଼ ଆଦି ଗଣ୍ୟମାନ୍ୟ ବ୍ୟକ୍ତିଗଣ ସଭାକୁ ସମ୍ବୋଧିତ କରିଥିଲେ । ଏହି ଅବସରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ମହିଳା ସଂକୀର୍ତ୍ତନ ମଣ୍ଡଳୀକୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶିଶୁ ପ୍ରତିଭା ବିପ୍ସା ସୋନାଲି, ସୁସାହିତ୍ୟିକା ଶ୍ରୀମତୀ ଅଞ୍ଜନା ଜେନା, ଆଦର୍ଶ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ, ସମାଜସେବୀ ମଧୁସ୍ମିତା ମହାନ୍ତି, ବରିଷ୍ଠ ସମ୍ବାଦିକ ଶରତ କୁମାର ପରିଡ଼ାଙ୍କ ଭଳି କୃତି ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିବାରୁ ଅନୁଷ୍ଠାନର ସଭାନେତ୍ରୀ ଶ୍ରୀମତୀ ସରୋଜିନୀ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୋର ଛାତ୍ରଛାତ୍ରୀଙ୍କ ଭକ୍ତି ଓ ସମ୍ମାନ ମତେ ଅଧିକ ଦିନ ବଞ୍ଚିବାର ଉତ୍ସାହ ଦେଇଛି : ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ

**ବଲାଙ୍ଗୀର,(ନି.ପ୍ର) :** ନେତ୍ରଭାନୁ ହାଇସ୍କୁଲ ଜରାସିଂହାର ୧୯୭୯ ମ୍ୟାଟ୍ରିକ ବ୍ୟାଚର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ଜରାସିଂହା ଲକ୍ଷ୍ମଣଝୁଲା ଠାରେ ଗୁରୁ ପୂଜନ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଗତ ଜାନୁୟାରୀ ୩୧ ତାରିଖରେ ଭୀମ ପାହାଡ ଠାରେ ଅନୁଷ୍ଠିତ ଏହି ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମରେ ଗୁରୁ ପୂଜନ କାର୍ଯ୍ୟକ୍ରମ ର ସଂକଳ୍ପ ନିଆଯାଇଥିଲା । ସେ ସମୟରେ ଶିକ୍ଷାଦାନ କରୁଥିବା ଶିକ୍ଷକମାନଙ୍କ ମଧ୍ୟରୁ କେବଳ ତିନି ଜଣ ଜଗଦାନନ୍ଦ ଛୁରିଆ, ନରସିଂହ ଦଣ୍ଡସନା ଓ ସତ୍ୟନାରାୟଣ ମିଶ୍ର ଜୀବିତ ଅଛନ୍ତି । ତିନି ଗୁରୁଙ୍କ ପଦ ବନ୍ଦନା କରାଯାଇଥିଲା । ଗୁରୁ ଜଗଦାନନ୍ଦ ଛୁରିଆ ଓ ନରସିଂହ ଦଣ୍ଡସନା ଲକ୍ଷ୍ମଣଝୁଲା ଯାଇ ସମ୍ବର୍ଦ୍ଧନା ଗ୍ରହଣ କରିଥିବା ବେଳେ ସ୍ୱାସ୍ଥ୍ୟଗତ କାରଣ ଯୋଗୁଁ ସତ୍ୟନାରାୟଣ ମିଶ୍ର ଯାଇପାରିନଥିଲେ । ସନ୍ଧ୍ୟା ସମୟରେ ତାଙ୍କ ଘରକୁ ଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା । ଡ. ଶଶିଭୂଷଣ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଉପସ୍ଥିତ ସେ ସମୟର ଛାତ୍ର ଛାତ୍ରୀ ତଥା ବର୍ତ୍ତମାନର ପୌଢ ପୌଢା ଜଣ ଜଣ କରି ନିଜର ସ୍ଥିତି ସମ୍ପର୍କରେ ସୂଚିତ କରିବା ସହିତ ଜୀବନରେ ଯାହା କିଛି ହୋଇଛନ୍ତି ବା ଯାହା କିଛି ପାଇଛନ୍ତି ସବୁ ଏହି



ଗୁରୁମାନଙ୍କ ଆଶିର୍ବାଦ ବୋଲି ମତ ରଖିଥିଲେ । ଗୁରୁ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଭାବ ବିହ୍ୱଳ ହୋଇ କହିଥିଲେ ଯେ ‘ମୋର ଛାତ୍ର ଛାତ୍ରୀମାନଙ୍କ ଏହି ଆୟୋଜନ, ଆମ ମାନଙ୍କ ପ୍ରତି ଭକ୍ତି ଓ ସମ୍ମାନ ପ୍ରଦର୍ଶନ ମତେ ଅତ୍ୟନ୍ତ ପ୍ରିତ କରିଛି । ମତେ ଆଗକୁ ଆହୁରି ବଂଚିବାର ଉତ୍ସାହ ଯୋଗେଇ ଦେଇଛି” । ସେହିପରି ଗୁରୁ ନରସିଂହ ଦଣ୍ଡସନା ଭାବବିହ୍ୱଳ ହୋଇ କହିଥିଲେ ‘ମୁଁ ବିଇଡି କରି ନ ଥିବାରୁ ଅନ୍ୟ ଶିକ୍ଷକମାନଙ୍କ ତୁଳନାରେ କମ୍ ଦରମା ପାଉଥିଲି ଏବଂ ସେଥିପାଇଁ ମୋର ଗୋଟିଏ କ୍ଷୋଭ ରହିଥିଲା । ଆଜି ମୋର ସେହି କ୍ଷୋଭ ଦୂର ହୋଇଗଲା । ମୋର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ପ୍ରଦତ୍ତ ଏହି ଭକ୍ତି ଓ ସମ୍ମାନ ମୋତେ ବିଇଡି ଦରମା ଦେଇଦେଲା । ଆଜି ମୁଁ ବିଇଡି ଦରମା ପାଇଗଲି’ । ଛାତ୍ର ଛାତ୍ରୀମାନଙ୍କ ପାଇଁ ଅନୁଷ୍ଠିତ ହେଉଥିବା ଖେଳ ପ୍ରତିଯୋଗିତାରେ ଶିକ୍ଷକମାନଙ୍କ ସମ୍ମାନ ଦୌଡରେ ପ୍ରାୟତଃ ସତ୍ୟନାରାୟଣ ମିଶ୍ର ପ୍ରଥମ ହେଉଥିଲେ । ତାଙ୍କୁ ସ୍ମରଣ କରି ଗୁରୁଶ୍ରୀ ମିଶ୍ର ଭାବ ଗଦ୍‌ଗଦ୍ ହୋଇ କହିଥିଲେ ‘ତୁମ ମାନଙ୍କୁ ମୋର ଘରେ ପାଇ ଓ ତମର ସମ୍ବର୍ଦ୍ଧନା ଗ୍ରହଣ କରି ମୋର ଇଚ୍ଛା ହେଉଛି ଏହି ବୃଦ୍ଧ ବୟସରେ ଓ ଭଗ୍ନ ସ୍ୱାସ୍ଥ୍ୟରେ ମଧ୍ୟ ଏବେ ଜରାସିଂହା ଯାଇ ହାଇସ୍କୁଲ ପଡିଆରେ ୧୦୦ ମିଟର ରେସ ଦୌଡି ଦିଅନ୍ତି ।

# ସୁଭଦ୍ରା ଯୋଜନା ସଚେତନତା କାର୍ଯ୍ୟକ୍ରମ



**ବାରିପଦା/କରଞ୍ଜିଆ, (ନି.ପ୍ର) :** କରଞ୍ଜିଆ ସିଡିପିଓଙ୍କ କାର୍ଯ୍ୟାଳୟ ପରିସରରେ ଆଜି ଏନ୍‌ଏସି ସ୍ତରୀୟ ସୁଭଦ୍ରା ଯୋଜନା ସଚେତନତା କାର୍ଯ୍ୟକ୍ରମ ଓ ପଥପ୍ରାନ୍ତ ସଭା ସିଡିପିଓ ମଞ୍ଜୁଳା ବେହେରାଙ୍କ ସଭାପତିତ୍ୱରେ ସକାଳ ୯ ଘଟିକା ଠାରୁ ୧୧ ଘଟିକା ଯାଏଁ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହିଳା ପରିଦର୍ଶିକା ସତ୍ୟଭାମା ମହାନ୍ତ,ସାଂସଦ ପ୍ରତିନିଧି ସୁନାମଣୀ ହୋ,ନିହାରିକ ଦାସ,ବିଧାୟକ ପ୍ରତିନିଧି ଭାବେ ମୁରଲୀଧର ବାରିକ, ପୋଷଣ ସଂଜୋଜିକା ମାନସୀ ମହାକୁଡ଼,ସେକ୍ ଜାବିଦ,ପଙ୍କାପରମିତା ନାୟକ, ଶାନ୍ତନୁ କୁମାର ଦଣ୍ଡସେନା,ସୁଭଦ୍ରା ହେଲ୍ପ ଡେସ୍କ ପ୍ରଫେସନାଲ ସସ୍ମିତା ଜେନା, ଏନ୍‌ଏସି ର ସମସ୍ତ ଅଙ୍ଗନବାଡ଼ି କର୍ମୀଙ୍କ ସହିତ ବହୁ ସଂଖ୍ୟକ ମହିଳା ମଧ୍ୟ ଯୋଗ ଦେଇଥିଲେ । ଏହି ଅବସରରେ ମହିଳା ମାନଙ୍କୁ ସୁଭଦ୍ରା ଯୋଜନା ବାବଦକୁ ସଚେତନ କରିବା ଉଦ୍ଦେଶ୍ୟରେ କୁନି କୁନି କଳାକାର ମାନଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ଓ ନୃତ୍ୟ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା । ଆଜିର ସମସ୍ତ କାର୍ଯ୍ୟକ୍ରମ ଗୁଡ଼ିକୁ କରଞ୍ଜିଆ ସିଡିପିଓଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ବିଧାନସଭାର ଗୋଟିଏ ଆସନ ନିର୍ବାଚନ କମିଶନ ଫେରାଇ ଦେବାକୁ ଦାବି

**ବେତନଟୀ,(ନି.ପ୍ର) :** ଆମେ ୨୦୦୯ ମସିହାଠାରୁ ୨୦୨୪ ମସିହା ସାଧାରଣ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ୨୦୦୯ ରୁ ୨୦୧୪ - ୨୦୧୪ ରୁ ୨୦୧୯ - ୨୦୧୯ ରୁ ୨୦୨୪ ଏହି ତିନୋଟି ନିର୍ବାଚନ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାରୁ ବିଧାନସଭା ଓ ଲୋକସଭା ଆସନ ପାଇଁ ବିଭିନ୍ନ ରାଜନୈତିକ ଦଳ ଏବଂ ସ୍ୱାଧୀନ ପ୍ରାର୍ଥୀ ମାନଙ୍କର ବହୁତ ଭାଷଣ ଶୁଣିଲୁ । ନିର୍ବାଚନ ଆଶାୟୀ ପ୍ରାର୍ଥୀମାନେ ଲଢିଲେ ଏବଂ ପ୍ରାର୍ଥୀମାନେ ବିଜୟ ଲାଭ କରି ବିଧାନସଭା ଓ ସାଂସଦ କୁ ବି ପ୍ରତିନିଧିତ୍ୱ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲାରୁ ଗଲେ । ଏହି ବିଜୟୀ ପ୍ରାର୍ଥୀମାନେ ଏହି ପନ୍ଦର ବର୍ଷ ଅବଧି ମଧ୍ୟରେ ଜିଲ୍ଲାର ସାଧାରଣ ଲୋକମାନଙ୍କ ପାଇଁ କେତେ କାମ କଲେ ସବୁପ୍ରକାର ଭିତ୍ତିଭୂମି ଥାଇ ଏହି ଆଦିବାସୀ ବହୁଳ ଏକମାତ୍ର ଅବିଭକ୍ତ ଜିଲ୍ଲାର କେତେ ଶିଳ୍ପ ପ୍ରତିଷ୍ଠା କରି ଆତ୍ମନିଯୁକ୍ତି ର ସୁଯୋଗ ସୃଷ୍ଟି କଲେ ଏହା ମଧ୍ୟ ଜିଲ୍ଲାବାସୀ ଦେଖି ସାରିବା ପରେ ୨୦୨୪ ସାଧାରଣ ନିର୍ବାଚନରେ ବିଜେପିର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଇ ସମସ୍ତ ବିଧାନସଭା ନଅଟି ଯାକ ଏବଂ ମୟୂରଭଞ୍ଜ ଜିଲ୍ଲାର ସାତଟି ବିଧାନସଭାକୁ ନେଇ ଲୋକସଭା ଆସନ ସହିତ କରଞ୍ଜିଆ ଓ ବଡସାହି ବିଧାନସଭା କ୍ଷେତ୍ର ଯାହା ବାଲେଶ୍ୱର ଲୋକସଭା ଆସନ ସହିତ ଏହି ଦୁଇ ସାଂସଦ ର ବିଜେବି ସାଂସଦ ମଧ୍ୟ ବିପୁଳ ସମର୍ଥନ ପାଇ ନିର୍ବାଚିତ ହେଲେ । ସବୁ ଦଳର ନେତାଙ୍କ ଭାଷଣ ଓ ପ୍ରତିଶୃତି ରେ ଭରପୁର ସ୍ୱପ୍ନ ମୟୂରଭଞ୍ଜ ବାସୀଙ୍କ ପାଇଁ ଥିଲେ ହେଁ - ମୟୂରଭଞ୍ଜ ଜିଲ୍ଲାବାସୀଙ୍କୁ ଯେପରି ଗତ ୨୦୦୯ ମସିହା ନିର୍ବାଚନ କମିଶନର ତାଙ୍କ ନ୍ୟାର୍ଯ୍ୟ ହକ ଅଧିକାରରୁ ବଞ୍ଚିତ କରିଥିଲେ ମୟୂରଭଞ୍ଜ ଜିଲ୍ଲାବାସୀ ସେମାନଙ୍କ ନାଗରିକ ମୌଳିକ ଅଧିକାର କେବେ ଫେରି ପାଇବେ କାହିଁକି ସେମାନଙ୍କୁ ମୌଳିକ ଅଧିକାରରୁ ବଞ୍ଚିତ କରାଗଲା - ଗଣତନ୍ତ୍ର ବ୍ୟବସ୍ଥା ଭିତରେ ମତଦାତା ଙ୍କୁ ବଞ୍ଚିତ କରାଯିବା ଭାରତର ସମ୍ବିଧାନିକ ବିଧି ବ୍ୟବସ୍ଥା ଭିତରେ ଏପରି କରାଯାଇ ପାରେକି ବୋଲି ଜିଲ୍ଲାର ସଚେତନ ନାଗରିକମାନଙ୍କ ପକ୍ଷରୁ ଏବେ ବେତନଟୀ ଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ବୈଠକରେ ପ୍ରଶ୍ନ କରାଯିବା ସହିତ ରାଜନେତାମାନଙ୍କ ନିରବତା କୁ ପ୍ରଶ୍ନ କରାଯାଇଛି । ମୟୂରଭଞ୍ଜ ଜିଲ୍ଲାର ଜନସଂଖ୍ୟା ସହିତ ଭୋଟରକୁ ନେଇ ୨୦୦୯ ଜାନୁଆରୀ ମାସ ପର୍ଯ୍ୟନ୍ତ ଦଶଟି ବିଧାନସଭା ଆସନ ସଂଖ୍ୟା ରହି ଆସିଥିବା ବେଳେ ମାର୍ଚ୍ଚ ୨୦୦୯ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବା ସମୟରେ ଏହାର ଆସନ ସଂଖ୍ୟା କେଉଁ ଆଧାରରେ ନଅ କରାଗଲା ଏବଂ ଗୋଟିଏ ବିଧାନସଭା ହ୍ରାସ କେଉଁ କାରଣରୁ କିପରି ଘଟିଲା ବୋଲି ବୈଠକରେ ବିଭିନ୍ନ ଅଣ ରାଜନୈତିକ ଅନୁଷ୍ଠାନ ଯଥା ବେତନଟୀ ବିକାଶ ମଞ୍ଚ, ବେତନଟୀ ସିଟିଜେନ ଫୋରମ୍, ବେତନଟୀ ସିଭିଲ ସୋସାଇଟି, ବେତନଟୀ ବଣିକ ସଂଘ, ବେତନଟୀ ଶ୍ରମିକ ସଂଘମାନଙ୍କ ପକ୍ଷରୁ ପ୍ରଶ୍ନ କରାଯାଇଛି । ଯେହେତୁ ଜନସଂଖ୍ୟା ବର୍ଷକୁ ବର୍ଷ ବଢ଼ିଚାଲିଛି - ସେହି ଅନୁପାତରେ ନିର୍ଦ୍ଧାରିତ ବିଧାନସଭା ଆସନ ସଂଖ୍ୟା ବିଗତ ପନ୍ଦର ବର୍ଷ ମଧ୍ୟରେ ଜିଲ୍ଲାର ଯେତିକି ବୃଦ୍ଧି ପାଇଛି - ବିଧାନସଭାର ସ୍ଥିତାବସ୍ଥା ବଜାୟ ରହିବା ବଦଳରେ ଗୋଟିଏ ଆସନ ସଂଖ୍ୟା କିଭଳି ନିର୍ବାଚନ କମିଶନର କମାଇ ଦେଲେ ଏ ସମ୍ପର୍କରେ ଦେଶ ପାଇଁ ରାଜ୍ୟର ଓ ଜିଲ୍ଲାର ସ୍ୱାର୍ଥ ରକ୍ଷା ପାଇଁ ଲଢେଇ କରୁଥିବା ବିଧାୟକ ଓ ସାଂସଦମାନେ ଏ ଜିଲ୍ଲାରେ ଲଢେଇ ନକରି ନିରବ କେଉଁ କାରଣରୁ ଅଛନ୍ତି ଯାହା ଏଭଳି ଉଦାହରଣ ଭାରତ ବର୍ଷର ଅନ୍ୟ କୌଣସି ରାଜ୍ୟରେ ଦେଖାଯାଇ ନାହିଁ ଏହା ସନ୍ଦେହ ସୃଷ୍ଟି କରିଛି । ଏଣୁ ନେତାମାନଙ୍କୁ ବର୍ଜନ କରିବା ସହିତ ଆସିଥିବା ନେତାମାନଙ୍କୁ ଜନତା ଅଦାଲତରେ ସ୍ପଷ୍ଟିକରଣ ଦେବାକୁ ଦାବି କରାଯାଇଛି ।

# କୁହୁଣ୍ଡାରେ ବିଜୁ ଜୟନ୍ତୀ ଓ ସୁଭଦ୍ରା ସଚେତନତା

**ମାହାଙ୍ଗା,(ନି.ପ୍ର) :** କୁହୁଣ୍ଡା ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ତଥା କୁଣ୍ଡି ସେବା ସମବାୟ ସମିତି ସଭାପତି ଅଖିଳେଶ ପଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ । ବିଜୁବାବୁ ଥିଲେ ଝଡର ଈଗଲ ଏବଂ ଧରଣୀର କୃଷ୍ଣସାର । ସେ ଥିଲେ ଓଡିଆ ଜାତିର ଅସ୍ମିତା ପୁରୁଷ, କ୍ରାନ୍ତିବୀର ଏବଂ ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ । ରାଜ୍ୟର ସାମୁହିକ ବିକାଶ କ୍ଷେତ୍ରରେ ଓ ମହିଳାମାନଙ୍କୁ କ୍ଷମତା ପ୍ରଦାନ ପାଇଁ ବିଜୁବାବୁଙ୍କ ପଦକ୍ଷେପ ସବୁବେଳେ ସ୍ମରଣୀୟ ହୋଇ ରହିବ ବୋଲି ଉତ୍ସବରେ ଯୋଗ ଦେଇଥିବା ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗ୍ରାମର ମୁରବୀ ତଥା ବରିଷ୍ଠ ୱାର୍ଡସଭ୍ୟ ଶ୍ୟାମ ସୁନ୍ଦର ମୁଦୁଲି ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ



ଦେଇଥିଲେ । କୁହୁଣ୍ଡା ପଞ୍ଚାୟତର ଏମ୍ବିକେ ଆରତୀ ନାୟକ, ଏଡିଇଓ ବିଦୁଲତା ସିଂ, ସିଆରପି ରୋଜି ମହାପାତ୍ର, ସ୍ୱର୍ଣ୍ଣଲକ୍ଷ୍ମୀ ଦାସ, ଶ୍ରଦ୍ଧାଞ୍ଜଳି ମହାନ୍ତି, ଅନ୍ନପୂର୍ଣ୍ଣା ସେଠୀ,କନକଲତା ପ୍ରଧାନ, ଝରଣା ମଲ୍ଲିକ, ମାଳତୀ ବିଶ୍ୱାଳ, ଅଙ୍ଗନବାଡି କର୍ମୀ ଭାରତୀ ବେହେରା, ଜୟଶ୍ରୀ ମହାପାତ୍ର,ରଶ୍ମିତା ମହାନ୍ତି, ସୁଚିତ୍ରା ସେଠୀ, ସ୍ମିତାଞ୍ଜଳି ପାତ୍ର, ମଧୁଲିତା ମହାପାତ୍ର, ପଞ୍ଚାୟତ ମହିଳା ଫେଡେରେସନ ସଭାପତି ବିଚିତ୍ରା ରାଉତ, ସମ୍ପାଦିକା ଦମୟନ୍ତୀ ଜେନା ପ୍ରମୁଖ ଯୋଗଦେଇ ବିଜୁ ବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରିବା ସହିତ ମହିଳା ସଶକ୍ତିକରଣ କ୍ଷେତ୍ରରେ ବିଜୁ ବାବୁଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ । ଏହି ଅବସରରେ ଏଡିଇଓ ବିଦୁଲତା ସିଂଙ୍କ ନେତୃତ୍ୱରେ ବହୁ ମହିଳା, ସୁଭଦ୍ରା ଯୋଜନାର ସଫଳ ରୂପାୟନ ପାଇଁ ସ୍ଲୋଗାନ ଦେଇ, ହାତରେ ପ୍ଲାକାଡ଼ ଧରି, ବିଭିନ୍ନ ଗ୍ରାମ ପରିକ୍ରମା କରିବା ଦେଖିବାକୁ ମିଳିଥିଲା । ଯୁବ ସଂଗଠକ ଜଗନ୍ନାଥ ପଣ୍ଡା ଏବଂ ସ୍ଥାନୀୟ ପଞ୍ଚାୟତ କର୍ମଚାରୀ ପରମାନନ୍ଦ ମହାନ୍ତି, କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ । ବିଜୁ ବାବୁଙ୍କ ଜୟନ୍ତୀ ତଥା ଅନ୍ତର୍ଜାତୀୟ ମହିଳା ଦିବସ ସପ୍ତାହ ପାଳନ ଅବସରରେ ସ୍ଥାନୀୟ ପଞ୍ଚାୟତର ଶହଶହ ମହିଳାମାନଙ୍କୁ ନେଇ ସୁଭଦ୍ରା ସଚେତନ ପଦଯାତ୍ରା ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ମୃତି ସଭା ଆୟୋଜନ କରାଯାଇଥିବାରୁ ଆମନ୍ତ୍ରିତ ଅତିଥିମାନଙ୍କୁ ଶଙ୍ଖପୁର ଅଙ୍ଗନବାଡି କର୍ମୀ ଜୟଶ୍ରୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାରତୀୟ ଦଳ ଟୁର୍ଣ୍ଣାମେଣ୍ଟ ପାଇଁ ପାକିସ୍ତାନ ଗସ୍ତ କରିବାକୁ ମନା



**ନୂଆଦିଲ୍ଲୀ,୭ ।୩ :** ଆଇସିସି ଚାମ୍ପିଅନ୍ସ ଟ୍ରଫି ଆୟୋଜକ ପାକିସ୍ତାନ ଟୁର୍ଣ୍ଣାମେଣ୍ଟରୁ ବାଦ ପଡ଼ିଛି । ସେହି ସମୟରେ, ଭାରତୀୟ ଦଳ ଟୁର୍ଣ୍ଣାମେଣ୍ଟ ପାଇଁ ପାକିସ୍ତାନ ଗସ୍ତ କରିବାକୁ ମନା କରିଦେଇଥିଲା। ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆ ହାଇବ୍ରିଡ୍ ମଡେଲ୍ ଅନୁଯାୟୀ ଦୁବାଇରେ ଏହାର ମ୍ୟାଚ୍ ଖେଳୁଛି। କ୍ରିକେଟ ପରେ ଏବେ ପାକିସ୍ତାନ ଫୁଟବଲକୁ ଝଟକା ଲାଗିଛି । ପ୍ରକୃତରେ, ପାକିସ୍ତାନ ବ୍ୟତୀତ, ଫିଫା ରୁଷ ଏବଂ କଙ୍ଗୋକୁ ୨୦୨୬ ବିଶ୍ୱକପ୍ ରୁ ନିଷିଦ୍ଧ କରିଛି । ଚାମ୍ପିଅନ୍ସ ଟ୍ରଫିରେ ଲଜ୍ଜାଜନକ ପ୍ରଦର୍ଶନ ପରେ, ଫିଫା ବିଶ୍ୱକପରୁ ବାସନ୍ଦ ହେବା ପାକିସ୍ତାନ ପାଇଁ ଏକ ବଡ଼ ଧକ୍କା ବୋଲି ବିବେଚନା କରାଯାଉଛି। ୨୦୨୬ ଫିଫା ବିଶ୍ୱକପ୍ ଆମେରିକା, କାନାଡା ଏବଂ ମେକ୍ସିକୋରେ ଆୟୋଜିତ ହେବ। ଏହି ଟୁର୍ଣ୍ଣାମେଣ୍ଟର ଇତିହାସରେ ପ୍ରଥମ ଥର ପାଇଁ, ୪୮ଟି ଦଳ ଅଂଶଗ୍ରହଣ କରିବେ। ତେଣୁ, ଏହି ଟୁର୍ଣ୍ଣାମେଣ୍ଟ ବହୁତ ବଡ଼ ହେବାକୁ ଯାଉଛି। କିନ୍ତୁ ଏହି ସମୟ ମଧ୍ୟରେ, ପାକିସ୍ତାନ ବ୍ୟତୀତ, ଫିଫା ରୁଷ ଏବଂ କଙ୍ଗୋକୁ ନିଷିଦ୍ଧ କରିଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ପାକିସ୍ତାନ ଫୁଟବଲ୍ ଫେଡେରେସନ୍ (PFF) ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନର ଗ୍ୟାରେଣ୍ଟି ଦେଉଥିବା ନୂତନ ସମ୍ବିଧାନ ଗ୍ରହଣ କରିନାହିଁ। ଯେତେବେଳେ ଫିଫା ଏବଂ ଏସୀୟ ଫୁଟବଲ୍ କନଫେଡେରେସନ (ଏଏଫସି) ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସର୍ତ୍ତ ରଖିଥିଲେ। ସେହି ସମୟରେ, ରୁଷିଆ ୨୦୨୬ ଫିଫା ବିଶ୍ୱକପ୍ ପାଇଁ ଯୋଗ୍ୟତା ଆବଶ୍ୟକତା ପୂରଣ କରିପାରିବ ନାହିଁ। ପ୍ରକୃତରେ, ପ୍ରାୟ ୩ ବର୍ଷ ପୂର୍ବେ, ୟୁକ୍ରେନ ଆକ୍ରମଣ ସହିତ ଆରମ୍ଭ ହୋଇଥିବା ଫିଫା ଏବଂ ୟୁଇଏଫଏ ଅଧୀନରେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାରୁ ରୁଷ ଜାତୀୟ ଫୁଟବଲ୍ ଦଳକୁ ନିଷିଦ୍ଧ କରାଯାଇଥିଲା। ତେଣୁ, ଏହି ପ୍ରତିବନ୍ଧକ ରୁଷ ଉପରେ ଜାରି ରହିବ। ଏହା ବ୍ୟତୀତ, ଫିଫା କଙ୍ଗୋଲିଜ୍ ଫୁଟବଲ୍ ଫେଡେରେସନ୍ (FECOFOOT) ପରିଚାଳନାରେ ତୃତୀୟ ପକ୍ଷର ଅବୈଧ ହସ୍ତକ୍ଷେପକୁ ଉଲ୍ଲେଖ କରିଛି। କଙ୍ଗୋ ମଧ୍ୟ ଟୁର୍ଣ୍ଣାମେଣ୍ଟରୁ ବାଦ ପଡ଼ିଛି। ଆପଣଙ୍କୁ କହି ରଖୁଛୁ ଯେ ଫିଫା ନିୟମ ଅନୁଯାୟୀ, ଫୁଟବଲ୍ ପ୍ରଶାସନରେ ବାହ୍ୟ ପ୍ରଭାବକୁ ଅନୁମତି ଦିଆଯାଇନାହିଁ, କିନ୍ତୁ କଙ୍ଗୋ ସମୟ ସହିତ ସମସ୍ୟାର ସମାଧାନ କରିବାରେ ବିଫଳ ହୋଇଛି। ତେଣୁ, ଏବେ ଫିଫା କଙ୍ଗୋକୁ ନିଷିଦ୍ଧ କରିଛି।

# ହରମନପ୍ରୀତ୍‌ଙ୍କୁ ଜରିମାନା



**ଲକ୍ଷ୍ନୌ,୭।୩:** ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହରମନପ୍ରୀତ୍ କୌରଙ୍କୁ ଶୁକ୍ରବାର ତାଙ୍କ ମ୍ୟାଚ୍ ଫି'ର ୧୦ ପ୍ରତିଶତ ଜରିମାନା ହୋଇଛି। ଗୁରୁବାର ସ୍ଥାନୀୟ ଏକ୍‌ନା କ୍ରିକେଟ ଷ୍ଟାଡିୟମରେ ୟୁପି ୱାରିଅର୍ଜ ବିପକ୍ଷ ୱମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ମ୍ୟାଚରେ ସେ ଅମ୍ପାୟରଙ୍କ ନିଷ୍ପତ୍ତିର ଅସହମତି ପ୍ରକାଶ କରିଥିଲେ। ଏହାଦ୍ୱାରା ସେ ଆଚରଣ ସଂହିତାର ଉଲ୍ଲଂଘନ କରିଥିଲେ। ଉତ୍ତରପ୍ରଦେଶ ୱାରିୟର୍ଜ ଇନିଂସର ୧୯ତମ ଓଭର ଶେଷରେ ଏହି ଘଟଣା ଘଟିଥିଲା। ଏକ ସ୍ଲୋ ଓଭର ରେଟ୍ ପାଇଁ ଫାଇନାଲ ଓଭରରେ ସର୍କଲ ବାହାରେ କେବଳ ୩ଜଣ ଫିଲ୍ଡରଙ୍କୁ ମୁତୟନ କରିବା ଲାଗି ହରମନପ୍ରୀତ୍ ?ଙ୍କୁ ଅମ୍ପାୟର ଅଜିତେଶ ଅର୍ଗାଲ କହିଥିଲେ। ମାତ୍ର ଅମ୍ପାୟରଙ୍କ ଏହି ରୁଲିଂରେ ହରମନପ୍ରୀତ ଖୁସି ନ ଥିବା ଦେଖିବାକୁ ମିଳିଥିଲା। ସେ ଏହି ବିଷୟ ନେଇ ଅମ୍ପାୟରଙ୍କ ସହିତ କିଛି ସମୟ ଯୁକ୍ତିତର୍କ କରିଥିଲେ। ସାଥୀ ଖେଳାଳି ଆମେଲିଆ କେର୍ ? ଆସି ତାଙ୍କ ସହିତ ଆଲୋଚନାରେ ଯୋଗ ଦେଇଥିଲେ। ହରମନପ୍ରୀତ୍ ଅମ୍ପାୟରଙ୍କ ନିଷ୍ପତ୍ତିରେ ଅସନ୍ତୋଷ ପ୍ରକାଶ କରି ଆଚରଣବିଧି ଅନୁଚ୍ଛେଦ-୧ର ଧାରା ୨.୮ର ଉଲ୍ଲଂଘନ କରିଥିବା ସ୍ୱୀକାର କରିଥିଲେ। ଅନୁଚ୍ଛେଦ-୧ର ଉଲ୍ଲଂଘନ କଲେ ମ୍ୟାଚ ରେଫରିଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ଏବଂ ବାଧ୍ୟତାମୂଳକ। ମ୍ୟାଚ ବେଳେ ହରମନପ୍ରୀତ୍‌ଙ୍କ ଆହୁରି ମଧ୍ୟ ନନ୍ ଷ୍ଟ୍ରାଇକର ଏଣ୍ଡରେ ଛିଡ଼ା ହୋଇଥିବା ଉତ୍ତର ପ୍ରଦେଶ ୱାରିଅର୍ଜର ସୋଫି ଏକ୍ଲେଷ୍ଟୋନ୍‌ଙ୍କ ସହିତ ଏକ ବଚସା ହୋଇଥିଲା। ଏହି ପ୍ରସଙ୍ଗରେ ଇଂଲିଶ କ୍ରିକେଟର ଅମ୍ପାୟରଙ୍କ ନିକଟକୁ ଯାଇ କିଛି କହୁଥିବା ଲକ୍ଷ୍ୟ କରାଯାଇଥିଲା। ଜବାବରେ ହରମନପ୍ରୀତ ପ୍ରତିକ୍ରିୟାଶୀଳ ହୋଇ ଏକ୍ଲେଷ୍ଟୋନ୍‌ଙ୍କ ନିକଟକୁ ଯାଇ ତାଙ୍କୁ ବିରତ ରହିବା ଲାଗି କହୁଥିବା ଦେଖିବାକୁ ମିଳିଥିଲା। ଫଳତଃ ସ୍କୋୟାର ଲେଗ୍ ଅମ୍ପାୟର ଏନ୍ ଜନନୀ ଓ ଉତ୍ତର ପ୍ରଦେଶ ୱାରିଅର୍ଜ ଅଧିନାୟିକା ଦୀପ୍ତି ଶର୍ମା। ସେଠାରେ ପହଞ୍ଚି ଉଭୟଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ଶାନ୍ତ କରାଇଥିଲେ। ମ୍ୟାଚରେ ୱାରିଅର୍ଜ ୧୫୦/୯ ସ୍କୋର କରିଥିଲା। ମୁମ୍ବାଇ ଇଣ୍ଡିଆନ୍ସ ୧୮.୩ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା।

# ରମଜାନରେ ଉପବାସ ନକରି କିଛି ଭୁଲ୍ କରିନାହାନ୍ତି ଶାମି: ଶମା ମହମ୍ମଦ

**ନୂଆଦିଲ୍ଲୀ,୭ ।୩ :** କଂଗ୍ରେସ ମୁଖପାତ୍ର ଶମା ମହମ୍ମଦ କିଛି ଦିନ ତଳେ ଭାରତୀୟ ଅଧିନାୟକ ରୋହିତ ଶର୍ମାଙ୍କ ଫିଟନେସକୁ ନେଇ ସମାଲୋଚନା କରିଥିଲେ। ଏଥିପାଇଁ ତାଙ୍କୁ ଟ୍ରୋଲ କରାଯାଇଥିବା ବେଳେ ଏବେ ସେ ଚାମ୍ପିଅନ୍ସ ଟ୍ରଫି ସମୟରେ ଦ୍ରୁତ ବୋଲର ମହମ୍ମଦ ଶାମିଙ୍କ ରୋଜା ନ ରଖିବାର ନିଷ୍ପତ୍ତିକୁ ସମର୍ଥନ କରି ଚର୍ଚ୍ଚାକୁ ଆସିଛନ୍ତି। ରମଜାନର ପବିତ୍ର ମାସରେ, ମଙ୍ଗଳବାର ଦିନ ଦୁବାଇ ଇଣ୍ଟରନ୍ୟାସନାଲ କ୍ରିକେଟ ଷ୍ଟାଡିୟମରେ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ ମୁକାବିଲା ହୋଇଥିଲା। ଏହି ସମୟରେ ୩୪ବର୍ଷୀୟ ଖେଳାଳି ଶାମି ଏନର୍ଜି ଡ୍ରିଙ୍କ୍ ପିଉଥିବା ଦେଖାଯାଇଥିଲା। ଏହା ପରେ ଅଲ୍ ଇଣ୍ଡିଆ ମୁସଲିମ୍ ଜମାତର ରାଷ୍ଟ୍ରୀୟ ଅଧ୍ୟକ୍ଷ ମୌଲାନା ଶହାବୁଦ୍ଦିନ ରଜଭି ତାଙ୍କୁ ଅପରାଧୀ ବୋଲି କହିଥିଲେ। ଏବେ ଶାମିଙ୍କୁ ସମର୍ଥନ କରି ଶମା କହିଛନ୍ତି ଯେ, ଇସଲାମରେ, ରମଜାନ ସମୟରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କଥା ଅଛି। ଯେତେବେଳେ ଆମେ ଯାତ୍ରା କରୁ, ଆମକୁ ଉପବାସ ରଖିବାର ଆବଶ୍ୟକତା ନାହିଁ। ଏବେ ମହମ୍ମଦ ଶାମି ଯାତ୍ରା କରୁଛନ୍ତି ଏବଂ ସେ ନିଜ ଘରେ ନାହାନ୍ତି। ସେ ଏପରି ଏକ ଖେଳ ଖେଳୁଛନ୍ତି ଯେଉଁଥିରେ ତାଙ୍କୁ ବହୁତ ଶୋଷ ଲାଗିପାରେ। ଏଭଳି ସ୍ଥିତିରେ ରୋଜା ରଖିବାର କୌଣସି ଆପଶ୍ୟକତା ନାହିଁ। ଆପଣଙ୍କ କର୍ମ ଯାହା ଗୁରୁତ୍ୱପୂର୍ଣ୍ଣ। ସେ କୌଣସି ଭୁଲ୍ କରିନାହାନ୍ତି।'

# ଫାଇନାଲ ରାଉଣ୍ଡରେ ଅରବିନ୍ଦ



**ପ୍ରାଗ୍,୭।୩:** ଭାରତୀୟ ଗ୍ରାଣ୍ଡମାଷ୍ଟର ଅରବିନ୍ଦ ଚିଦାମ୍ବରମ ପ୍ରାଗ୍ ମାଷ୍ଟର୍ସ ଚେସ୍ ଟୁର୍ନାମେଣ୍ଟର ରାଉଣ୍ଡରେ ଚେକ୍ ରିପବ୍ଲିକର ଡେଭିଡ ନାଭାରାଙ୍କ ସହ ତାଙ୍କ ଗେମ୍ ଡ୍ର ରଖିଛନ୍ତି। ଏଥିସହିତ ସେ ତାଙ୍କର ପ୍ରଥମ ପ୍ରମୁଖ ଟାଇଟଲର ନିକଟତର ହୋଇଛନ୍ତି। ଏହି ଫଳାଫଳ ଦ୍ୱାରା ଅରବିନ୍ଦଙ୍କ ପଏଣ୍ଟ ସଂଖ୍ୟା ୫.୫ରେ ପହଞ୍ଚିଛନ୍ତି। ଆର. ପ୍ରଜ୍ଞାନନ୍ଦଙ୍କଠାରୁ ଅଧାପଏଣ୍ଟ ଆଗରେ ସେ ପୂର୍ବଭଳି ଅଗ୍ରଣୀ ରହିଛନ୍ତି। ପ୍ରଜ୍ଞାନନ୍ଦ ମଧ୍ୟ ଭିଏଟ୍‌ନାମର କ୍ୱାଙ୍ଗ୍ ଲିଭ୍ ଲି'ଙ୍କ ବିପକ୍ଷ ଗେମ୍ ଡ୍ର ରଖିଛନ୍ତି। ଅରବିନ୍ଦ ଫାଇନାଲ ରାଉଣ୍ଡରେ ତୁର୍କୀର ଏଡିଜ୍ ଗୁରେଲଙ୍କୁ ସାମ୍ନା କରିବେ। ଅନ୍ୟପକ୍ଷରେ ପ୍ରଜ୍ଞାନନ୍ଦଙ୍କୁ ନେଦରଲାଣ୍ଡ୍ସ ଆନିଶ ଗିରିଙ୍କ ସହ କଡ଼ା ମୁକାବିଲାର ସମ୍ମୁଖୀନ ହେବାକୁ ପଡ଼ିବ। ଅନ୍ୟପକ୍ଷରେ ଟପ୍ ସିଡ୍ ଚାଇନିଜ ଗ୍ରାଣ୍ଡମାଷ୍ଟର ୱି ୟି' ଦୃଢ ପ୍ରତ୍ୟାବର୍ତ୍ତନ ସହ ସ୍ଥାନୀୟ ଫେଭରିଟ୍ ଏନଗୁୟେନ ଥାଇ ଦାଇ ଭାନ୍‌ଙ୍କୁ ପରାସ୍ତ କରି ୪.୫ ପଏଣ୍ଟ ସହ ଏକାକି ତୃତୀୟ ସ୍ଥାନରେ ରହିଛନ୍ତି। ଚାଇନିଜ ଖେଳାଳି ତାଙ୍କ ପ୍ରଥମ ତିନୋଟି ଗେମ୍ ମଧ୍ୟରୁ ଦୁଇଟିରେ ପରାଜିତ ହୋଇଥିଲେ। ଭିନସେଣ୍ଟ କେମର (ଜର୍ମାନୀ), ଏଡିଜ ଲରେଲ ଓ ଗିରି ପ୍ରତ୍ୟେକ ୪ ପଏଣ୍ଟ ସହ ମିଳିତ ୪ର୍ଥ ସ୍ଥାନରେ ରହିଛନ୍ତି। ସେମାନଙ୍କ ପଛକୁ କ୍ୱାଙ୍ଗ ଲିମ୍, ନାଭାରା ଓ ସାମ୍ ଶନକଲାଣ୍ଡ ପ୍ରତ୍ୟେକ ୩.୫ ପଏଣ୍ଟ ଲେଖାଏଁ ଅର୍ଜନ କରିଛନ୍ତି। ଦାଇ ଭାନ୍ ୨.୫ ପଏଣ୍ଟ ସହ ଟେବୁଲର ସର୍ବନିମ୍ନ ସ୍ଥାନରେ ରହିଛନ୍ତି।

# ଅଲ୍ ଓଡିଶା ମିନିଟ୍ରକ ମାଲିକ ମହାସଂଘର ନିର୍ବାଚନ

## ବଳରାମ ସଭାପତି, ରଂଜିତ ସମ୍ପାଦକ

**ଭୁବନେଶ୍ୱର,୭ ।୩ :** ଆଜି ଅଲ ଓଡିଶା ମିନିଟ୍ରକ ମାଲିକ ମହାସଂଘର ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ନିର୍ବାଚନରେ ପୂର୍ବ ଭଳି ବଳରାମ ମହାପାତ୍ର ସଭାପତି, ରଂଜିତ କୁମାର ମିଶ୍ର ସମ୍ପାଦକ, ଶାନ୍ତନୁ କୁମାର ଚୌଧୁରୀ ସହ ସମ୍ପାଦକ, ବିରଞ୍ଚି କୁମାର ସାହୁ କାର୍ଯ୍ୟକାରୀ ସଭାପତି, ଉମେଶ ଚନ୍ଦ୍ର ସାହୁ, ତ୍ରିଲୋଚନ ରାଉତରାୟ, ସିତିକାନ୍ତ ତ୍ରିପାଠୀ, କେଶବ ଚନ୍ଦ୍ର ସାହୁ ସମସ୍ତେ ଉପସଭାପତି, ରାଜୀବ କୁମାର ପରିଡା, ସନ୍ତୋଷ




କୁମାର ପ୍ରଧାନ, ମନୋଜ କୁମାର ସାହୁ, ଅଜୟ କୁମାର ଓଝା ସମସ୍ତେ ଯୁଗ୍ମସମ୍ପାଦକ, ରାକେଶ କୁମାର ସିନ୍‌ହା କୋଷାଧକ୍ଷ, ବୈରାଗୀ ଚରଣ ସାହୁ, ପ୍ରମୋଦ ସେନାପତି, କାବୁଲି ବାବୁ ସମସ୍ତେ ଉପଦେଷ୍ଟା ଭାବରେ ନିର୍ବାଚିତ ହୋଇଥିଲେ । ଏହି ସଭାରେ ରାଜ୍ୟର କୋଣ ଅନୁକୋଣରୁ ବହୁତ ସାରା ଗାଡ଼ିମାଲିକ ଭାଇମାନେ ଉପସ୍ଥିତ ରହିଥିଲେ । ତା ମଧ୍ୟରେ କଟକ ଜିଲ୍ଲା ସଭାପତି ସମ୍ପାଦକ, ଏବଂ ଉପଦେଷ୍ଟା, ବାଲେଶ୍ୱର ଜିଲ୍ଲା ସଭାପତି, ସମ୍ପାଦକ ବ୍ରହ୍ମପୁର ଜିଲ୍ଲା ସଭାପତି, ଅନୁଗୁଳ ଜିଲ୍ଲା ସଭାପତି, ରାଉରକେଲା ଜିଲ୍ଲା ସଭାପତି ସମ୍ପାଦକ, ଖୋର୍ଦ୍ଧା ଜିଲ୍ଲା ସଭାପତିଙ୍କ ସହିତ ମହାସଙ୍ଘର ପାଖାପାଖି (୨୦୦) ଦୁଇଶହରୁ ଉର୍ଦ୍ଧ କର୍ମକର୍ତା ମାନେ ଉପସ୍ଥିତ ରହି ସାଧାରଣ ନିର୍ବାଚନକୁ ସଫଳ ରୂପାୟନ କରିଥିଲେ ।

# ନୂଆଗାଁ ମହୋତ୍ସବ ଉଦ୍‌ଘାଟିତ



**ନୟାଗଡ଼,(ନି.ପ୍ର) :** ଜିଲ୍ଲା ନୂଆଗାଁ ବ୍ଲକ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା - ୨୦୨୫ ନୂଆଗାଁ କଲେଜ ସମ୍ମୁଖ ଖେଳପଡିଆରେ ଆଜି ଉଦ ଘାଟିତ ହୋଇଯାଇଛି। ରାଜସ୍ୱ ବିପର୍ଯ୍ୟୟ ଓ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସମବାୟ, ହସ୍ତତନ୍ତ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, କନ୍ଧମାଳ ସାଂସଦ ତଥା ନୂଆଗାଁ ମହୋତ୍ସବ କମିଟି ସଭାପତି ସୁକାନ୍ତ କୁମାର ପାଣିଗ୍ରାହୀ, ଯାଜପୁର ସାଂସଦ ରବି ନାରାୟଣ ବେହେରା, ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା, ନୟାଗଡ଼ ଜିଲ୍ଲା ବିଜେପି ମୋର୍ଚ୍ଚା ସଭାପତି ତାପସ ରଞ୍ଜନ ମାର୍ଥା, ଦଶପଲ୍ଲା ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ, ବିଜେପି ନେତା ରାଘବ ମଲ୍ଲିକ, ନୂଆଗାଁ ବ୍ଲକ ଉପାଧକ୍ଷ ପର୍ଶୁରାମ ସ୍ୱାଇଁ, ନୂଆଗାଁ ମହୋତ୍ସବ କମିଟି ସମ୍ପାଦକ ଶିବରାମ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ନୂଆଗାଁ ମାଟି କଳା ଓ ସଂସ୍କୃତିର ମାଟି। ଏହି ମାଟି ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କୁ ଜନ୍ମ ଦେଇଛି। ରାଜ୍ୟରେ ନୂତନ ସରକାର ଆସିବା ପରେ ଅନେକ ପ୍ରତିଶ୍ରୁତି ପୂରଣ ହୋଇଛି। ଏଥିସହିତ ବିଭିନ୍ନ ଜିଲ୍ଲାର ଉନ୍ନତି ଲାଗି ସରକାର କୋଟି କୋଟି ଟଙ୍କା ପ୍ରଦାନ କରିଛନ୍ତି। ଆଜିର କାର୍ଯ୍ୟକ୍ରମରେ ନୂଆଗାଁ ବ୍ଲକରେ କାର୍ଯ୍ୟରତ ଥିବା ଶିକ୍ଷକ ସଂଘ, ଅନ୍ନପୂର୍ଣ୍ଣା କ୍ୟାଟରିଂ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ମାନୀତ କରାଯାଇଥିଲା। ପରିଶେଷରେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ନୂଆଗାଁ ଅଞ୍ଚଳର କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ବୋଲଗଡ଼ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ, ଆସାମ ବିହୁ, ନୂଆଗାଁ ବନ୍ଦନା, ଅନୁଗୁଳ ଓଡିଶୀ ନୃତ୍ୟ, ଆସ୍ଥା ଡ୍ୟାନ୍ସ ଗ୍ରୁପ ଏବଂ ପରିଶେଷରେ କମେଡି କିଙ୍ଗ ପପୁ ପମ୍ ପମ୍ ଙ୍କ କମେଡି ଏବଂ ସଙ୍ଗୀତରେ ଦର୍ଶକ ଝୁମିଥିଲେ।

# IND vs NZ Final:

## ମ୍ୟାଚ ଖେଳିବାର ସୁବିଧା ମିଳିଥିବା ବିଷୟରେ ଅଧିକ ଆଲୋଚନା



**ଦୁବାଇ,୭ ।୩ :** ୨୦୨୫ ଚାମ୍ପିଅନ୍ସ ଟ୍ରଫିରେ, ଖେଳାଳି ଏବଂ ଦଳଗୁଡ଼ିକର ପ୍ରଦର୍ଶନ ଅପେକ୍ଷା, ଭାରତକୁ କେବଳ ଦୁବାଇରେ ସମସ୍ତ ମ୍ୟାଚ ଖେଳିବାର ସୁବିଧା ମିଳିଥିବା ବିଷୟରେ ଅଧିକ ଆଲୋଚନା ହେଉଛି। ସମସ୍ତେ କହୁଛନ୍ତି ଯେ ସମାନ ଗ୍ରାଉଣ୍ଡ ଏବଂ ସମାନ ପ୍ରକାରର ପିଚରେ ଖେଳିବା ଯୋଗୁଁ ଭାରତୀୟ ଦଳ ସଫଳତା ପାଉଛି। ଏପରି ପରିସ୍ଥିତିରେ, ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଫାଇନାଲ ପୂର୍ବରୁ ମଧ୍ୟ ଏପରି ଆଲୋଚନା ହେଉଛି। ପ୍ରଶ୍ନ ଉଠୁଛି ଯେ ଫାଇନାଲ ମ୍ୟାଚରେ ବ୍ୟବହୃତ ପିଚ କ'ଣ ହେବ? ଏହା କ'ଣ ନୂଆ ପିଚ ନା ପୁରୁଣା ପିଚ? ରବିବାର ୯ ମାର୍ଚ୍ଚରେ ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଭାରତ ଏବଂ ନ୍ୟୁଜିଲାଣ୍ଡ ମୁହାଁମୁହିଁ ହେବେ, ଏହି ଗ୍ରାଉଣ୍ଡରେ ଚାମ୍ପିଅନ୍ସ ଟ୍ରଫିର ପଞ୍ଚମ ମ୍ୟାଚ ହେବ। କିନ୍ତୁ ଏହି ସମସ୍ତ ମ୍ୟାଚରେ ଗୋଟିଏ ଦଳ ହେଉଛି ଭାରତ। ତଥାପି, ନ୍ୟୁଜିଲାଣ୍ଡ ମଧ୍ୟ ଏହି ଗ୍ରାଉଣ୍ଡରେ ଏହାର ଦ୍ୱିତୀୟ ମ୍ୟାଚ ଖେଳିବ। ସେହି ମ୍ୟାଚରେ ବ୍ୟବହୃତ ପିଚ ସମ୍ପୂର୍ଣ୍ଣ ନୂତନ ଥିଲା ଏବଂ ଭାରତ ମ୍ୟାଚ ଜିତିଥିଲା। କିନ୍ତୁ ଫାଇନାଲରେ ଏହା ଘଟିବ ନାହିଁ। ଟାଇମ୍ସ ଅଫ ଇଣ୍ଡିଆର ଏକ ରିପୋର୍ଟରେ ଦାବି କରାଯାଇଛି ଯେ ଭାରତ-ନ୍ୟୁଜିଲାଣ୍ଡ ଫାଇନାଲ ସମାନ ପିଚରେ ଖେଳାଯିବ ଯାହା ପୂର୍ବରୁ ବ୍ୟବହୃତ ହୋଇସାରିଛି। ଏପର୍ଯ୍ୟନ୍ତ ଖେଳାଯାଇଥିବା ଚାରୋଟି ମ୍ୟାଚ ସମ୍ପୂର୍ଣ୍ଣ ସତେଜ ଏବଂ ଭିନ୍ନ ପିଚରେ ଅନୁଷ୍ଠିତ ହୋଇଥିଲା। ଚାରୋଟି ପିଚ ସ୍ପିନରମାନଙ୍କ ପାଇଁ ସହାୟକ ଥିଲା କିନ୍ତୁ ଗୋଟିଏ ମ୍ୟାଚରେ ପିଚ ବ୍ୟାଟସମ୍ୟାନ ମାନଙ୍କୁ ବହୁତ ସାହାଯ୍ୟ କରିଥିଲା ଏବଂ ଫାଇନାଲରେ ମଧ୍ୟ ସମାନ ୨୨-ୟାର୍ଡ ଷ୍ଟ୍ରେଚ ବ୍ୟବହାର କରାଯିବ। ରିପୋର୍ଟରେ କୁହାଯାଇଛି ଯେ ଭାରତ-ପାକିସ୍ତାନ ମ୍ୟାଚ ଯେଉଁ ୱିକେଟରେ ଖେଳାଯାଇଥିଲା, ସେହି ୱିକେଟରେ ହିଁ ଫାଇନାଲ ମ୍ୟାଚ ଖେଳାଯିବ। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଏବଂ ପାକିସ୍ତାନ ୨୩ ଫେବୃଆରୀରେ ମୁହାଁମୁହିଁ ହୋଇଥିଲେ ଏବଂ ଟିମ ଇଣ୍ଡିଆ ସେହି ମ୍ୟାଚକୁ ବହୁତ ସହଜରେ ୪ ୱିକେଟରେ ଜିତିଥିଲା। ସ୍ପଷ୍ଟ ଭାବରେ ଏହା ଟିମ ଇଣ୍ଡିଆ ପାଇଁ ଏବଂ ବିଶେଷକରି ବିରାଟ କୋହଲିଙ୍କ ପାଇଁ ଭଲ ଖବର। ପାକିସ୍ତାନ ବିପକ୍ଷରେ ଭାରତର ବିଜୟର ତାରକା ଥିଲେ ବିରାଟ, ଯିଏ ଅପରାଜିତ ଶତକ ହାସଲ କରି ଟିମ ଇଣ୍ଡିଆକୁ ଟାର୍ଗେଟରେ ପହଞ୍ଚାଇଥିଲେ।

# ନନ୍ଦପୁର ସିନ୍ଧେ ଦେବୀ ମହାବିଦ୍ୟାଳୟରେ କାର୍ଯ୍ୟରତ ଗ୍ରନ୍ଥପାଳଙ୍କ ପରଲୋକ



**ନନ୍ଦପୁର,(ନି.ପ୍ର) :** ସୀନ୍ଧେ ଦେବୀ ମହାବିଦ୍ୟାଳୟ ରେ କାର୍ଯ୍ୟରତ ଗ୍ରନ୍ଥପାଳ ନୃସିଂହ ଚରଣ ତ୍ରିପାଠୀ ଙ୍କ ହୃଦାଘାତ ଯୋଗୁଁ ଦେହାନ୍ତ ହୋଇଯାଇଛି । ଆଜି ସକାଳେ ତାଙ୍କ ଦେହ ଖରାପ ହେବାରୁ ନନ୍ଦପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ନିଆଯାଇଥିଲା କିନ୍ତୁ ସେଠାରେ ଅବସ୍ଥା ଗୁରୁତର ହେବାରୁ କୋରାପୁଟ ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲ କୁ ସ୍ଥାନାନ୍ତରିତ କରାଯାଇଥିଲା କିନ୍ତୁ ସେଠାରେ ଡାକ୍ତର ନୃସିଂହ ଙ୍କୁ ମୃତ୍ୟୁ ଘୋଷଣା କଲେ। ଆଜି ସଂଧ୍ୟା ରେ ତାଙ୍କ ଶେଷକୃତ୍ୟ ନନ୍ଦପୁର ବ୍ରାହ୍ମଣ ସମାଜ ଶ୍ମଶାନ ରେ କରାଯାଇଛି । ମୃତ୍ୟୁ ଖବର ପାଇ ବନ୍ଧୁ ବାନ୍ଧବ ସହକର୍ମୀ ଓ ସ୍ଥାନୀୟ ବୁଦ୍ଧି ଯିବି ପହଞ୍ଚି ସମବେଦନା ଜଣାଇଛନ୍ତି।

## ମିଉଲ ଖଣି ଗେଟ ସମ୍ମୁଖରେ ଗ୍ରାମବାସୀଙ୍କ ଆନ୍ଦୋଳନ

# ପ୍ରଶାସନର ହସ୍ତକ୍ଷେପ ପରେ ପରିସ୍ଥିତି ସ୍ୱାଭାବିକ



**କୋଇଡା,(ନି.ପ୍ର) :** କୋଇଡା ଖଣି ମଣ୍ଡଳ ଅନ୍ତର୍ଗତ ସେଗାସାହି ସ୍ଥିତ ଏଏମଏନଏସ ଖଣି ସଂଲଗ୍ନ ଘୋଡାବୁରୁଣୀ, ସେଗାସାହି, ଏବଂ କଳମଙ୍ଗ ଗ୍ରାମ ର ଶତାଧିକ ଗ୍ରାମବାସୀ ମିଉଲ ଖଣି ଗେଟ ସମ୍ମୁଖରେ ବିରୋଧ ପ୍ରଦର୍ଶନ କରିଥିଲେ ଓ ଫଳରେ ଖଣି ଏବଂ ପରିବହନ କାର୍ଯ୍ୟ ସମ୍ପୂର୍ଣ ରୂପେ ଠପ ହୋଇଯାଇଥିଲା ଓ ଘଟଣା ସମ୍ପର୍କ ରେ ଖବର ପାଇ କୋଇଡା ଥାନା ଅଧିକାରୀ ମନୋରଞ୍ଜନ କୁମ୍ଭାର, କୋଇଡା ତହସିଲଦାର ଦାଇତ୍ୱ ରେ ଥିବା ନିର୍ମଳ କୁମାର ବିଶ୍ୱାଳ ଘଟଣା ସ୍ଥଳରେ ପହଂଚି ଉତ୍ୟକ୍ତ ଗ୍ରାମବାସୀ ମାନଂକୁ ବୁଝାସୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣ କୁ ଆସିଥିଲା ଓ ମିଳିଥିବା ସୂଚନା ଅନୁସାରେ ମିଉଲ ଖଣି ରେ ପରିବହନ କାର୍ଯ୍ୟ ପାଇଁ ନିୟୋଜିତ ଥିବା ଆର.ଜେ ଲଜିଷ୍ଟିକ ନାମକ ଏକ ଘରୋଇ ପରିବହନ ସଂସ୍ଥା ର ଏକ ଛତ୍ରବାଦ କାର୍ଯ୍ୟକଳାପ କୁ ବିରୋଧ ଏବଂ ମିଉଲ ଖଣି ଖନନ କାର୍ଯ୍ୟ ଆରମ୍ଭ ପୂର୍ବରୁ ହୋଇଥିବା ଜନ ଶୁଣାଣୀ ରେ ଖଣି ସଂଲଗ୍ନ ଗ୍ରାମ ର ଗ୍ରାମବାସୀ ମାନଂକୁ ଖଣି କତୃପକ୍ଷ ଙ୍କ ତରଫରୁ ଦିଆଯାଇଥିବା ପ୍ରତିଶୃତି କୁ ମ୍ୟାନେଜମେଣ୍ଟ ଠିକ ଭାବେ ପାଳନ କରୁନଥିବା ଯୋଗୁ ବାଧହୋଇ ଆନ୍ଦୋଳନ ପନ୍ଥା ଅବଲମ୍ବନ କରିଛନ୍ତି ବୋଲି ଗ୍ରାମବାସୀମାନେ ମତପ୍ରକାଶ କରିଛନ୍ତି ଓ ଆଗାମୀ ଦିନରେ ଖଣି କତୃପକ୍ଷ ଯଦି ଗ୍ରାମବାସୀ ସହିତ ହୋଇ ଥିବା ଚୁକ୍ତିନାମା ଅନୁଯାଇ କାର୍ଯ୍ୟ ନ କରନ୍ତି ତାହେଲେ ପାଇପ ଲାଇନ ଯୋଗେ ମାଲ ପରିବହନ କାର୍ଯ୍ୟ କୁ ସମ୍ପୂର୍ଣ ରୂପେ ବିରୋଧ କରାଯିବା ସହିତ ବିରାଟ ଜନ ଆନ୍ଦୋଳନ ହେବା ନେଇ ଗ୍ରାମବାସୀ ମାନେ ଚେତାବନୀ ଦେଇଛନ୍ତି ।

# ସରିଲା ମ୍ୟାଟ୍ରିକ ପରୀକ୍ଷା, ୪୯ ଛାତ୍ରଛାତ୍ରୀ ଅନୁପସ୍ଥିତ

**ଶେରଗଡ,(ନି.ପ୍ର) :** ଗତ ମାସ ୨୧ ତାରିଖ ଠାରୁ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଚାଲିଥିବା ମ୍ୟାଟ୍ରିକ ପରୀକ୍ଷା ଶୃଙ୍ଖଳିତ ଭାବେ ଶେଷ ହୋଇଛି। ଚଳିତ ବର୍ଷ ବ୍ଲକରେ ୮ ଟି ପରୀକ୍ଷା କେନ୍ଦ୍ରରେ ୧୬୩୪ ଜଣ ଛାତ୍ରଛାତ୍ରୀ ଫର୍ମ ଫିଲାପ କରିଥିଲେ। ୬ ଦିନ ପରୀକ୍ଷା ଚାଲିଥିଲା। ଏହି ୬ ଦିନରେ ୪୯ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡିଛି। ପରୀକ୍ଷାର୍ଥୀ ଙ୍କ ସଂଖ୍ୟା ହ୍ରାସ ପାଇବାକୁ ନେଇ ବୁଦ୍ଧିଜୀବୀ ମାନେ ଉଦବେଗ ପ୍ରକାଶ କରିଛନ୍ତି। ସେମାନଙ୍କ କହିବା ଅନୁସାରେ ଶିକ୍ଷା ବ୍ୟବସ୍ଥା ରେ ସଂସ୍କାର ଆସିବା ଆବଶ୍ୟକତା ରହିଛି। ବାଲ୍ୟବିବାହ, ଅଭାବ ଅନଟନ, ସଚେତନତା ର ଅଭାବ ଏବଂ ଦାଦନ ଶ୍ରମିକ ଭଳି ସମସ୍ୟା ଯୋଗୁଁ ମ୍ୟାଟ୍ରିକ ପରୀକ୍ଷା କେନ୍ଦ୍ର ରେ ଉପସ୍ଥାନ ହ୍ରାସ ପାଇଥିବା ମତବ୍ୟକ୍ତ କରିଛନ୍ତି। ପ୍ରଥମ ଦିନ ରେ ମାତୃଭାଷାରେ ୮ ଟି କେନ୍ଦ୍ର ରେ ମୋଟ ୪୭ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ୩.୩.୨୦୨୫ ତାରିଖ ଦିନ ସାମାଜିକ ବିଜ୍ଞାନ ପରୀକ୍ଷାରେ ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ବେଳେ ୬.୩.୨୦୨୫ ତାରିଖ ଦିନ ହିନ୍ଦୀ ଓ ସଂସ୍କୃତ ପରୀକ୍ଷାରେ ଜଣେ ବିଦ୍ୟାର୍ଥୀ ପରୀକ୍ଷା କେନ୍ଦ୍ର ମାଡିନଥିବା ଜଣାପଡିଛି। ବ୍ଲକ ସହକାରୀ ଶିକ୍ଷାଧିକାରିଣୀ ଶ୍ରୀମତି ଶୈଳେନ୍ଦ୍ରୀ ଦଳେଇ ଙ୍କ କହିବାନୁଯାୟୀ, ବ୍ଲକରେ ଶାନ୍ତି ଶୃଙ୍ଖଳା ର ସହିତ ମ୍ୟାଟ୍ରିକ ପରୀକ୍ଷା ଶେଷ ହୋଇଛି। ପରୀକ୍ଷାରେ ଅନୁପସ୍ଥିତ ରହିଥିବା ଛାତ୍ରଛାତ୍ରୀ ମାନଙ୍କୁ ପରୀକ୍ଷା କେନ୍ଦ୍ର କୁ ଫେରାଇ ଆଣିବା ଲାଗି ପ୍ରତ୍ୟେକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଅଭିଭାବକ ଓ ଛାତ୍ରଛାତ୍ରୀ ଙ୍କ ଆନ୍ତରିକତା ର ଅଭାବ ରୁ ଛାତ୍ରଛାତ୍ରୀ ମାନେ ପରୀକ୍ଷା ଦେଇନଥିବା ପ୍ରକାଶ କରିଛନ୍ତି।

Printed, Published & Owner by Hajarika Mohapatra,
Printed at Das Offset Printers, Udit Nagar Main Road, Rourkela
Dist-Sundargarh (Odisha) and Published at Plot No.: 364/1662, Susanti Vihar, Lane-5, Tankapani Road, Bhubaneswar
Email : satyanews24.bbsr@gmail.com, Mob- +91 90406 99332, 83380 72970
Editor : Satyajit Mohapatra
ସମ୍ପାଦକ : ସତ୍ୟଜିତ ମହାପାତ୍ର